**ସଂକ୍ଷେପରେ**

## ଅସ୍ୱାଭାବିକ ଭାବେ ଗର୍ଭବତୀଙ୍କ ମୃତ୍ୟୁ

ଜୟପୁର, ୧୮।୭ (ପବନ ପାଣିଗ୍ରାହୀ) - କୋରାପୁଟ ଜିଲା ଜୟପୁରରେ ଜଣେ ଗର୍ଭବତୀ ମହିଳାଙ୍କ ମଙ୍ଗଳବାର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି। ତାଙ୍କ ନାମ ଝୁନୁ ଗୌଡ(୩୧)। ସେ ରାୟଗଡା ଜିଲା ଶିଖରପାଇର ବୋଲି ଜଣାପଡିଛି। ରାୟଗଡା ଜିଲା ଶିଖରପାଇର ରତ୍ନାକର ନାୟକ ସ୍ତ୍ରୀ ଝୁନୁଙ୍କ ସହ ଜୟପୁରର ଗୌଡସାହିରେ ରହୁଥିଲେ। ମଙ୍ଗଳବାର ଝୁନୁ ପଡି ଯାଇଥିଲେ। ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ଝୁନୁଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜୟପୁର ଟାଉନଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରଛି।

## ୩୦ରେ ବିଜୁ ଯୁବ, ଛାତ୍ର ଜନତାଦଳ ସମାବେଶ

କୋରାପୁଟ,୧୮।୭(ଅମିତାଭ ବେହେରା)- କୋରାପୁଟରେ ଆସନ୍ତା ୩୦ରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଏକ ସମାବେଶ ହେବ। ଏନେଇ ପୁଜାରିପୁଟ କଲ୍ୟାଣମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଯୁବ ବିଜୁ ଜନତା ଦଳ ସଭାପତି ଲଲାଟ ରଞ୍ଜନ ସେଠୀଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲା ବିଜେଡି ସଭାପତି ଝିନ ହିକକା, କୋରାପୁଟ ବିଧାୟକ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ପୂର୍ବତନ ବିଧାୟକ କୈଳାସ କୁଲେସିକା, କୋରାପୁଟ ଜିଲା ମହିଳା ବିଜେଡି ପର୍ଯ୍ୟବେକ୍ଷିକା ମୀରା ପରିଡା, ଜିଲା ବିଜୁ ମହିଳା ସଭାପତି ପାର୍ବତୀ ମସ୍ତି , ଜୋନାଲ ସଭାନେତ୍ରୀ ଲତା ରାୟ, ବିଭିନ୍ନ ବ୍ଲକର ଯୁବ ଓ ଛାତ୍ର ଜନତା ଦଳ ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପୁଷ୍ଟିହୀନତାଜନିତ ସମସ୍ୟା ଚିହ୍ନଟ ନେଇ ତାଲିମ

ଦଶମନ୍ତପୁର, ୧୮।୭ (ଅରବିନ୍ଦ ନାୟକ)- କୋରାପୁଟ ଜିଲାରେ ଶିଶୁ ଓ ମହିଳାମାନଙ୍କ ମଧରେ ପୁଷ୍ଟିହୀନତା ଦେଖାଦେଉଛି। ଗ୍ରାମାଞ୍ଚଳ ଲୋକେ ସେମାନଙ୍କ ସମସ୍ୟା ଠିକ୍ ରୂପେ ଚିହ୍ନଟ କରିପାରୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଦଶମନ୍ତପୁର ବ୍ଲକର ୪୦ଟି ଗ୍ରାମର ଯୁବ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ସୁପୋଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହାର ମୁଖ୍ୟ ଅଧିକାରୀ ଜନ୍ମେଜୟ ରାଉତ ଓ ସହକର୍ମୀ କଲ୍ୟାଣୀ ଦାସ, ସୋସାଇଟିର ସ୍ୱେଚ୍ଛାସେବୀ କବିରାଜ ଚାଲାଣ ୫ଟି ପଞ୍ଚାୟତରେ ଦଶଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଯୁବ ସ୍ୱେଚ୍ଛାସେବୀମାନେ ଗ୍ରାମ ସ୍ତରରେ କିପରି ଗ୍ରାମବାସୀମାନଙ୍କ ପୁଷ୍ଟିହୀନତାଜନିତ



ସମସ୍ୟା ଚିହ୍ନଟ କରି ଏହି ସମସ୍ୟାର ସମାଧାନ କରିବେ ସେନେଇ ତାଲିମ ନେବେ। ତାଲିମ କାର୍ଯ୍ୟକ୍ରମକୁ ଗୌର ଚନ୍ଦ୍ର ରଜପାଳିଆ ଓ ଝସକେତନ ରଣା ପରିଚାଳନା କରୁଛନ୍ତି। ଗତକାଲି ପ୍ରଥମ ଦିବସରେ ପିଏଲ ଏ. ଚକ୍ର, ପୁଷ୍ଟିହୀନତା ଚକ୍ର, ପାୱାର ଖେଳ ଓ ମିଞ୍ଜିର କାହାଣୀ ଉପରେ ଆଲୋଚନା କରିଥିଲେ।

# ବିଶାଖାପାଟଣା ଡିଆରଏମ୍‌ଙ୍କ ବିଭିନ୍ନ କାର୍ଯ୍ୟ ସମୀକ୍ଷା

■ ରେଲୱେ ପାର୍କ ଉଦ୍‌ଘାଟନ କଲେ

■ ଆସନ୍ତା ୨ ମାସ ଭିତରେ ଆରମ୍ଭ ହେବ ରାୟଗଡ଼ା-ସିଙ୍ଗାପୁର ରୋଡରେ ୩ୟ ଲାଇନ

ରାୟଗଡ଼ା,୧୮।୭ (ଆଶିଷ ରଞ୍ଜନ ପଣ୍ଡା)

ବିଶାଖାପାଟଣା ଡିଭିଜନ ଡିଆରଏମ୍ ଅନୁପ ଶତପଥୀ ମଙ୍ଗଳବାର ରାୟଗଡ଼ା ଗସ୍ତରେ ଆସି ଚାଲିଥିବା ତୃତୀୟ ରେଳ ଲାଇନ ଏବଂ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପରେ ଡିଆରଏମ ଶତପଥୀ ରେଳ ଷ୍ଟେଶନଠାରେ ରେଲୱେ ପାର୍କର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଡିଆରଏମ ଶତପଥୀଙ୍କ ସହ ରାୟଗଡ଼ାର ବରିଷ୍ଠ ଖବରଦାତା ବାଦଲ ତା, ରଞ୍ଜନ ରଥ, ଦୀପକ ପୃଷ୍ଟି ଓ ଯୋଗେଶ୍ୱର ଦାସ ପ୍ରମୁଖ ରାୟଗଡ଼ା ଅଞ୍ଚଳର ବିକାଶ ନେଇ ଆଲୋଚନା କରିଥିଲେ। ପରେ ଡିଆରଏମଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଝିଘରିଆଣୀ ମନ୍ଦିର ଜମି ହସ୍ତାନ୍ତର ସଫଳ ହୋଇଥିବାରୁ ଡିଆରଏମଙ୍କୁ ସେମାନେ ଧନ୍ୟବାଦ ଜଣାଇଥିଲେ। ସେହିଭଳି ରେଳ ଲାଇନ ସମ୍ପ୍ରସାରଣ ଓ ଡିଭିଜନ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବା ସୂଚନା ଦେଇଥିଲେ । ଆଗାମୀ ୨ ମାସ ମଧ୍ୟରେ ରାୟଗଡ଼ା-ସିଙ୍ଗାପୁର ରୋଡ଼ ଷ୍ଟେଶନ ମଧ୍ୟରେ ତୃତୀୟ ଲାଇନର ଶୁଭାରମ୍ଭ ହେବ । ଏହାଦ୍ୱାରା ଅଧିକରୁ ଅଧିକ ଟ୍ରେନ୍ ଏହି ରୁଟରେ ଚଳାଚଳ କରିପାରିବ ଏବଂ ଜନସାଧାରଣଙ୍କୁ ସୁବିଧା ହେବ ବୋଲି ଡିଆରଏମ ଶତପଥୀ ସୂଚନା ଦେଇଛନ୍ତି । ତେବେ ଡିଆରଏମ ଅନୁପ ଶତପଥୀଙ୍କୁ ଅନ୍ୟତ୍ର ବଦଳି ହୋଇଯାଇଥିବା ବେଳେ ନୂତନ ଡିଆରଏମ ସୌରଭ ପ୍ରସାଦ ଖୁବଶୀଘ୍ର ଡିଭିଜନ କାର୍ଯ୍ୟରେ ଯୋଗଦେବେ ବୋଲି ଜଣାପଡ଼ିଛି ।



ରେଲୱେ ପାର୍କର ଉଦ୍‌ଘାଟନ କରାଯାଉଛି।

## ଗୁଣପୁର-ନୌପଡ଼ା ମଧ୍ୟରେ ଟ୍ରେନ୍ ବେଗ ବଢ଼ିବ

■ ୨ ନଂ ପ୍ଲାଟଫର୍ମ ନିର୍ମାଣ ହେବ

■ ବିଭିନ୍ନ ସ୍ଥାନରେ କ୍ରସିଂ ବ୍ୟବସ୍ଥା କରାଯିବ

ଗୁଣପୁର, (ପ୍ରଦୀପ କୁମାର ପାଢ଼ୀ)



ଗୁଣପୁର ଷ୍ଟେଶନରେ ଡିଆରଏମଙ୍କ ସହ ଆଲୋଚନା କରାଯାଉଛି।

ବିଶାଖାପାଟଣାଆ ଡିଆରଏମ ଅନୁପ କୁମାର ଶତପଥୀ ମଙ୍ଗଳବାର ସକାଳେ ଗୁଣପୁର ଷ୍ଟେଶନ ପରିଦର୍ଶନ କରିଛନ୍ତି। ସ୍ୱତନ୍ତ୍ର ଟ୍ରେନ ଯୋଗେ ସେ ସକାଳ ୭.୨୦ରେ ଗୁଣପୁର ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ଦେଖିବା ସହ ସମୀକ୍ଷା କରିଥିଲେ।

ଡିଆରଏମ ଶତପଥୀ କହିଛନ୍ତି ରେଲୱେ ବୋର୍ଡର ନୀତି ଅନୁସାରେ, ଦ୍ୱିତୀୟ ପ୍ଲାଟଫର୍ମ ଗୁଣପୁରଠାରେ ହେବା କଥା ନହେଁ। କାରଣ ଗୁଣପୁରଠାରୁ ଥେରୁବାଲି ପର୍ଯ୍ୟନ୍ତ ନୂତନ ରେଳପଥ ସଂଯୋଗ ସହ ଗୁଣପୁରଠାରୁ ଦେଢ କିମି ପଛକୁ ନୂତନ ପୂର୍ଣ୍ଣାଙ୍ଗ ଷ୍ଟେଶନ ହେବ । ହେଲେ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ବିଶାଖାପାଟଣା ଡିଭିଜନ ପକ୍ଷରୁ ଟଙ୍କା ଖର୍ଚ୍ଚ କରାଯାଇ ଦ୍ୱିତୀୟ ପ୍ଲାଟଫର୍ମ ଆସନ୍ତା ୩ ମାସ ମଧ୍ୟରେ ନିର୍ମାଣ କରାଯିବ ବୋଲି କହିଥିଲେ। ସେହିପରି ବର୍ତ୍ତମାନ ନୌପଡା ଗୁଣପୁର ମଧ୍ୟରେ ୪୫ କି.ମି ବେଗରେ ଟ୍ରେନ୍ ଯାତାୟାତ କରୁଛି। ଆଗକୁ ଏହାର ସ୍ପିଡ ୯୦ କିମି ବେଗରେ ଯାତାୟତ କରିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ କରାଯାଇଛି । ବେଗ ବଢିବା ଦ୍ୱାରା ଏହି ରେଳପଥରେ ଅଧିକା ଟ୍ରେନ ଯାତାୟାତ ହୋଇପାରିବ ବୋଲି ଡିଆରଏମ କହିଥିଲେ। ଏଥିସହ ନୌପଡା ଗୁଣପୁର ରେଳପଥ ଗୋଟିଏ ଲାଇନ୍ ବିଶିଷ୍ଟ ଏବଂ ଗୁଣପୁର ଓ ପାରଳାଖେମୁଣ୍ଡିଠାରେ ଟ୍ରେନଗୁଡିକ କ୍ରସିଂ ହୋଇପାରୁଛି। ଫଳରେ ଅଧିକା ଟ୍ରେନ ଆସି ପାରୁନାହିଁ କି ବିଳମ୍ବ ସହ ଅଧିକା ସମୟ ଲାଗୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗୁଣପୁର ପାରଳାଖେମୁଣ୍ଡି ଏବଂ ନୌପଡା ପାରଳାଖେମୁଣ୍ଡି ମଧ୍ୟରେ ଗୋଟିଏ ଲେଖାଏ କ୍ରସିଂ ବ୍ୟବସ୍ଥା ପାଇଁ ଦୃଷ୍ଟି ଦିଆଯାଉଥିବା କହିଥିଲେ। ଗୁଣପୁର ଷ୍ଟେଶନରେ ଟ୍ରେନକୁ ଜଳ ଯୋଗାଣ କାର୍ଯ୍ୟ କରାଯିବା ସହ ୧ ନଂ ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧି କାର୍ଯ୍ୟ ଚାଲିଛି। ବିଶାଖାପାଟଣା ଗୁଣପୁର ଟ୍ରେନରେ ଏସି ବଗି ଲାଗି ବ୍ୟବସ୍ଥା କରାଯାଉଥିବା ଡିଆରଏମ୍ ଶତପଥୀ ସୂଚନା ଦେଇଥିଲେ।

ସୂଚନା ଯୋଗ, ଡିଆରଏମ ଶତପଥୀଙ୍କ ବର୍ତ୍ତମାନ ବଦଳି ହୋଇଯାଇଥିବାରୁ ଏହା ପୂର୍ବରୁ ଗୁଣପୁରଠାରେ ସମୀକ୍ଷା କାର୍ଯ୍ୟ କରିଥିଲେ। ଏହି ସମୟରେ ଆନ୍ଧ୍ର ଓଡିଶା ରେଳ ବ୍ୟବହାରିକ ସଂଘର ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା, ନବ ନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସ, ଉମା ଦାସ ପ୍ରମୁଖ ଡିଆରଏମଙ୍କୁ ଭେଟି ରେଳ ବିଭାଗର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ସେ ବିଦାୟ ନେଉଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର

ରାୟଗଡା,୧୮।୭ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହରରେ ଲଗାଣ ବର୍ଷା ଯୋଗୁ ପୌର ପରିଷଦର ୱାର୍ଡ ନମ୍ବର ୩ ନଦୀ ସାହିରେ ବାସ କରୁଥିବା ଶ୍ରୀନୁ ବିଡିକାଙ୍କ ଘର ଭୁଶୁଡି ପଡିଛି । ଏଥିରେ କୌଣସି ବ୍ୟକ୍ତି ଆହତ ହୋଇ ନ ଥିବା ଜଣାପଡ଼ିଛି। ଲଗାଣ ବର୍ଷା ଯୋଗୁ ପ୍ରଥମେ ଘରର କାନ୍ଥ ଭୁଶୁଡି ପଡିବା ସହ ପରେ ସମ୍ପୂର୍ଣ୍ଣ ଘର ଭୁଶୁଡି ପଡ଼ିଥିଲା। ସାହିବାସିନ୍ଦା ଓ ସ୍ଥାନୀୟ ଯୁବକମାନଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ତେବେ ଶ୍ରୀନୁଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଉକ୍ତ ପରିବାରକୁ ସରକାରଙ୍କ ଜାଗା ମିଶନ ଯୋଜନରେ ନା ମିଳିଛି ଜମିପଟ୍ଟା ନା ଇନ୍ଦିରାଆବାସ ଗୃହ। ପ୍ରଶାସନ ପକ୍ଷରୁ କୌଣସି ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି । ଏ ସମ୍ପର୍କରେ ୱାର୍ଡ କାଉନସିଲର ତଥା ପୌର ପରିଷଦ ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡାଙ୍କୁ ପଚାରିବାରୁ ଏ ନେଇ ସେ ଅବଗତ ନ ଥିଲେ, ବିଭଗୀୟ ଅଧିକାରୀଙ୍କଠାରୁ ବୁଝି ଆବଶ୍ୟକ ପଦକ୍ଷେପ ନେବେବୋଲିକହିଛନ୍ତି।

## ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କଲେ ଗ୍ରାମବାସୀ

ବାଲିଗୁଡା,୧୮।୭(ସଞ୍ଜୟ କୁମାର ପାଣିଗ୍ରାହୀ)

ଅଘୋଷିତ ଓ ବାରମ୍ବାର ବିଜୁଳି କାଟ ସମସ୍ୟାକୁ ନେଇ ଗ୍ରାମର ମହିଳା ଓ ପୁରୁଷ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ବାରମ୍ବାର ବିଦ୍ୟୁତ କାଟ ସହ ଲୋ ଭୋଲଟେଜ ସମସ୍ୟା ପ୍ରତିବାଦରେ ବାଲିଗୁଡା ବ୍ଲକ ଅନ୍ତର୍ଗତ ଖମନଖୋଲ ପଞ୍ଚାୟତ ବାସୀ ବାଲିଗୁଡା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଦିବ୍ୟଦର୍ଶନ ପ୍ରତିଷ୍ଠାତା ସଦ୍‌ଗୁରୁ ଶ୍ରୀ ଅର୍ଜୁନଙ୍କ ଜୟନ୍ତୀ




ସଦଗୁରୁ ଅର୍ଜୁନଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ପଦ୍ମପୁର,୧୮।୭ (ପ୍ରଶାନ୍ତ କର)

ଦିବ୍ୟଦର୍ଶନ ସଂଘ ପ୍ରତିଷ୍ଠାତା ସଦଗୁରୁ ଶ୍ରୀ ଅର୍ଜୁନଙ୍କ ୯୧ ତମ ଜୟନ୍ତୀ ମହୋତ୍ସବ ତାଙ୍କ ଜନ୍ମସ୍ଥାନ ଗୁରୁତୀର୍ଥ ଗୁଡିଆବନ୍ଧର ଏଲ୍.ଡି ମଡର୍ନ ରାଇସମିଲ୍‌ଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ଶିଷ୍ୟଶିଷ୍ୟା ଯୋଗଦାନ କରିଥିଲେ। ସକାଳୁ ଶିଷ୍ୟମାନେ ଗୁରୁଙ୍କ ଭଜନ ଗାନ କରି ଗୁଡିଆବନ୍ଧ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିରରେ ୯୧ ପ୍ୟାକେଟ ରକ୍ତ ସଂଗ୍ରହ କରାଯାଇ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ରକ୍ତ ଭଣ୍ଡାରକୁ ପଠାଯାଇଥିଲା।

ଗୁରୁ ଜୟନ୍ତୀ ଉତ୍ସବକୁ ଦିବ୍ୟ ସତସଂଗ ମାଧ୍ୟମରେ ପାଳନ କରାଯାଇଥିଲା। ପ୍ରଥମେ ଓଁକାର ଧ୍ୱନି, ଗୁରୁବନ୍ଦନା, ପ୍ରାରମ୍ଭିକ ଭଜନ ସହ , ଭକ୍ତି ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ କମିଟି ସମ୍ପାଦକ ପୂଜ୍ୟ କେଶବ ଭାଇ, ସଦସ୍ୟ ବାସିନୀ ଭୂଜଙ୍ଗ ଭାଇ ଓ ରାୟଗଡ଼ା ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଯୋଗଦେଇଥିଲେ। ଗୁଡିଆବନ୍ଧ ଶାଖା ସଭାପତି ଲାଡି. ଉଦୟ ଶଙ୍କର ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ବିଧାୟକ ରଘୁନାଥ ଗମାଙ୍ଗ, ପଦ୍ମପୁର ତହସିଲଦାର ଗୀତାଞ୍ଜଳୀ ବେହେରା, ରାମନାଗୁଡା ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ , ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର, ପଦ୍ମପୁର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ଗୁଡିଆବନ୍ଧ ସରପଞ୍ଚ, ସୁଭଦ୍ରା ଶବର, ଶବର ସଂସ୍କୃତି ସଭାପତି ଚକ୍ରପାଣୀ ଶବର ପ୍ରମୁଖ ଯୋଗଦେଇଥିଲେ।

କେଶବ ଭାଇ ପ୍ରବଚନ ମାଧ୍ୟମରେ ପୂଜ୍ୟ ସଦଗୁରୁଙ୍କ ସଂକ୍ଷିପ୍ତ ଜୀବନୀ ଉପରେ ଆଲୋକପାତ କରିଥିଲେ । ଗୁଡିଆବନ୍ଧ ଶାଖା କର୍ମକର୍ତ୍ତା, ଭାଇ ଭଉଣୀ ତଥା ଅଞ୍ଚଳର ଶିଷ୍ୟଙ୍କ ସହଯୋଗରେ କାର୍ଯକ୍ରମ ପରିଚାଳନା କରାଯାଇଥିଲା। ସେମାନଙ୍କ ମଧ୍ୟରେ ପ୍ରମୁଖ ଶାଖା ଉପ ସଭାପତି ଉଦୟ ଶବର (ଓଡ଼ିଆ), ସମ୍ପାଦକ ଜନାର୍ଦ୍ଦନ ସେନାପତି, କୋଷାଧ୍ୟକ୍ଷ କେ ଏମନା ମୂର୍ତ୍ତି, ଗୁରୁ ଭାଇ ଲାଡି. ମହେଶା, ସୋମନାଥ ସାହୁ, ସୁରେନ୍ଦ୍ର ପୃଷ୍ଟି, ଉଦୟ ନାଥ ସାହୁ , ଗୋପୀନାଥ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଜଗନ୍ନାଥ ଦାଶ, ବି.ଜଗା ରାଓ, ଅର୍ଜୁନ ଶବର, ନୀଳକଣ୍ଠ ଶବର, ଏ .ଶେଷ ଗିରି , ସୁବାସ ଶବର ପ୍ରମୁଖ ସହଯୋଗ କରିଥିଲେ ।

## ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖ ଗଛ ଉପୁଡିଲା

କୋରାପୁଟ,୧୮।୭(ଅମିତାଭ ବେହେରା)

କୋରାପୁଟଜିଲାରେମଙ୍ଗଳବାର୭୨୭.୬ ମିମି ବର୍ଷା ହୋଇଛି। ଜିଲାର ଜୟପୁର ବ୍ଲକରେ ସର୍ବାଧିକ ୮୯.୬ ମି.ମି. ବର୍ଷା ହୋଇଥିବା ବେଳେ ନାରାୟଣପାଟଣା ବ୍ଲକରେ ସର୍ବନିମ୍ନ ୧୪.୬ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି । ଜିଲାର ବୈପାରିଗୁଡା ବ୍ଲକରେ ୭୯ ମି.ମି., କୋରାପୁଟ ବ୍ଲକରେ ୭୮ ମି.ମି.,ଲମତାପୁଟ ବ୍ଲକରେ ୭୨ ମି.ମି.ବର୍ଷା ହୋଇଥିବାବେଳେ ଦଶମନ୍ତପୁର ବ୍ଲକରେ ୬୯ ମି.ମି. ବର୍ଷା ହୋଇଛି। ସେହିପରି କୋଟପାଡ ବ୍ଲକରେ ୫୨ ମି.ମି., ପଟ୍ଟାଙ୍ଗି ବ୍ଲକରେ ୩୦.୩ମି.ମି., ନନ୍ଦପୁର ବ୍ଲକରେ ୫୨ମି.ମି., ସେମିଳିଗୁଡା ବ୍ଲକରେ ୬୨.୫ ମି.ମି., କୁନ୍ଦୁରା ବ୍ଲକରେ ୫୦.୬ ମି.ମି., ଲକ୍ଷ୍ମୀପୁର ବ୍ଲକରେ ୩୧ ମି.ମି., ବନ୍ଧୁଗାଁ ବ୍ଲକରେ ୨୨ ମି.ମି. ଓ ବୋରିଗୁମ୍ମା ବ୍ଲକରେ ୨୫ମି.ମି.ବର୍ଷା ହୋଇଥିବା ଜଣାପଡିଛି । କୋରାପୁଟରେ ପ୍ରବଳ ବର୍ଷା ଯୋଗୁ ଜିଲା ଜିଲାପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଏକ ବଡଗଛ ଉପୁଡି ଜିଲା ପରିଷଦ କାର୍ଯ୍ୟାଳୟ ସମେତ ୨୬ ନଂ. ଜାତୀୟ ରାଜପଥ ଉପରେ ପଡିଥିଲା। ଫଳରେ ଜାତୀୟ ରାଜପଥରେ କିଛି ସମୟ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଓଡ୍ରାଫ ଟିମ ପହଞ୍ଚି ଗଛକୁ କାଟି ସଫା କରିବା ପରେ ଗାଡିମୋଟର ଚଳାଚଳ ହୋଇଥିଲା। ଅନ୍ୟପକ୍ଷରେ ଏହି ବର୍ଷା ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ୫ରୁ ଉର୍ଦ୍ଧ୍ୱ ମାଟିଘର ଭାଙ୍ଗିଥିବା ଜଣାପଡିଛି ।

# ରାୟଗଡ଼ା ଜିଲାକୁ ମିଳିଲା 'ଭୂମି ସମ୍ମାନ ପ୍ଲାଟିନମ୍ ପୁରସ୍କାର'



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ ପୁରସ୍କାର ଗ୍ରହଣ କରୁଛନ୍ତି।

ରାୟଗଡା,୧୮।୭ (ଭାଗ୍ୟଶ୍ରୀ ମିଶ୍ର)

ଭାରତ ସରକାରଙ୍କ ଗ୍ରାମୀୟ ଉନ୍ନୟନ ମନ୍ତ୍ରଣାଳୟର ଭୂ-ସମ୍ପଦ ବିଭାଗ ପକ୍ଷରୁ ରାୟଗଡ଼ା ଜିଲାକୁ 'ଭୂମି ସମ୍ମାନ ପ୍ଲାଟିନମ୍ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ ଭୂମି ସମ୍ମାନ ଗ୍ରହଣ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ଜିଲାପାଳ ସିଂଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରିଥିଲେ।

ପ୍ରକାଶ ଯେ, ରାୟଗଡା ଜିଲାର ସମସ୍ତ ତହସିଲର ଖତିୟାନ କମ୍ପ୍ୟୁଟିକରଣ, କଡ୍ରଷ୍ଟଲ ମ୍ୟାପ୍ ଆଧୁନିକରଣ, ଖତିୟାନ ସହ କଡ୍ରଷ୍ଟଲ ମ୍ୟାପ ସଂଯୋଗୀକରଣ, ଅନ୍‌ଲାଇନ ଜମି ପଞ୍ଜୀକରଣ, ରେକର୍ଡ ରୁମ ଆଧୁନିକରଣ ଆଦିର ମାପଦଣ୍ଡ ଉପରେ ସମୀକ୍ଷା କରି ଏ ସବୁଥିରେ ଶତପ୍ରତିଶତ ଲକ୍ଷ୍ୟ ଧାର୍ଯ୍ୟ ହାସଲ କରିଥିବାରୁ ରାୟଗଡ ଜିଲାକୁ ପ୍ଲାଟିନମ ଗ୍ରେଡ଼ର ସଫଳତା ମିଳିଛି। ମଙ୍ଗଳବାର ଏହି ପୁରସ୍କାର ଗ୍ରହଣ ଉତ୍ସବରେ ଗୁଡ଼ାରି ତହସିଲଦାର ଭାରତୀ ଦେବୀ, ମୁନିଗୁଡା ତହସିଲଦାର ସୁଶ୍ରୀ ଅନାମିକା ପାଣ୍ଡେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଉପସ୍ଥିତ ଥିଲେ ।

# ଜଣଙ୍କ ନାଁରେ ଆସୁଛି ଠିକା କାମ, କରୁଛନ୍ତି ଆଉ ଜଣେ

**ଗ୍ରାମ୍ୟ ଉନ୍ନୟନ ବିଭାଗର ବିଚିତ୍ର ନୀତି**

ମୁନିଗୁଡ଼ା, ୧୮।୭ (ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍‌ରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଚିତ୍ର ନୀତି ଦେଖିବାକୁ ମିଳିଛି। ଉନ୍ନତମାନର କାର୍ଯ୍ୟ ହେବ ବୋଲି ରାଜ୍ୟ ସରକାର ସ୍ୱତନ୍ତ୍ର ଶ୍ରେଣୀ ଠିକାଦାରଙ୍କୁ କାମ ଦେଉଛନ୍ତି, ହେଲେ ଉକ୍ତ ଠିକାଦାର ନିଜେ କାମ ନ କରି ଅନ୍ୟମାନଙ୍କ ଦ୍ୱାରା କାମ କରାଇ ବିଲ୍ ପାସ୍ କରୁଥିବା ଅଭିଯୋଗ ହେଉଛି। ୫ କୋଟି ଟଙ୍କା ବ୍ୟୟ ଅଟକଳରେ ମୁନିଗୁଡ଼ା ମେଡିକାଲ ଛକରୁ ଜଗଦଲପୁର ଯାଏଁ ଯାଇଥିବା ରାସ୍ତାର ପ୍ରାୟ ୫ କି.ମି ନିର୍ମାଣ କାମ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ଚାଲିଛି। ହେଲେ ରାସ୍ତାକାମ କରୁଥିବା ଠିକାଦାର ନିମ୍ନମାନର କାମ କରୁଥିବା ଅଭିଯୋଗ ହେଉଛି।

ସ୍ୱତନ୍ତ୍ର ଶ୍ରେଣୀ ଠିକାଦାରଙ୍କ ନିକଟରେ ଆବଶ୍ୟକ ସବୁ ଯନ୍ତ୍ରପାତି, ଯାନବାହାନ, କାମ କରିବା ପାଇଁ ତାଲିମପ୍ରାପ୍ତ କର୍ମଚାରୀ ଥିବାରୁ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଠିକାକାମ ପାଇଁ ଟେଣ୍ଡର ମିଳିଥାଏ। କିନ୍ତୁ ଅଧିକ ମୁନାଫା କମାଇବା ଆଶାରେ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାରମାନେ ନିଜେ କାମ ନ କରି ଅନ୍ୟ ଛୋଟ ଠିକାଦାର ସଂସ୍ଥା ଦ୍ୱାରା କାମ କରାଉଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ମୁନିଗୁଡ଼ାରୁ ପ୍ରାୟ ୭୦୦ ମିଟର କଙ୍କ୍ରିଟ ରାସ୍ତା ନିର୍ମାଣ ହୋଇଛି। ମାତ୍ର ନୂଆ ଡ୍ରେନ୍ କରା ନ ଯାଇ ପୁରୁଣା ଡ୍ରେନରୁ ପ୍ରାୟ ୧ ଫୁଟ ଉଚ୍ଚତାରେ କଙ୍କ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ଫଳରେ ରାସ୍ତା ଉଚ୍ଚ ହୋଇଯାଇଥିବାରୁ ଭାରି ଯାନବାହାନ ଗଲେ ଉପରେ ବିଜୁଳି ତାର ଲାଗିଯାଇପାରେ ବୋଲି ଆଶଙ୍କା ଦେଖାଦେଇଛି। ଆଗକୁ ପିଚୁ ରାସ୍ତା ନିର୍ମାଣ କାମ ମଧ୍ୟ ପୁରୁଣା ରାସ୍ତା ଉପରେ କରାଯାଇଛି ଓ ମେଟାଲ ପକାଯାଇ ନ ଥିବା ଅଭିଯୋଗ ହୋଇଛି। ରାସ୍ତାକାମ ସମ୍ପର୍କରେ ମୁନିଗୁଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ପଟ୍ଟନାୟକଙ୍କୁ ପଚାରିବାରୁ ରାସ୍ତା ଓ ଡ୍ରେନ୍ କାମ ଶୀଘ୍ର ହେବ ବୋଲି କହିଛନ୍ତି। ତେବେ ସୂଚନା ଅଧିକାର ଆଇନ ଅଧୀନରେ ରାସ୍ତା ନିର୍ମାଣ ସମ୍ପର୍କରେ ସବିଶେଷ ତଥ୍ୟ ପାଇଁ ମୁନିଗୁଡ଼ାର ଜଣେ ସାମାଜିକ କର୍ମୀ ରାଜେନ୍ଦ୍ର ସାହୁ ମୁନିଗୁଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସୂଚନା ମାଗିଥିଲେ ମଧ୍ୟ ସେମାନେ ଦେବାକୁ ମନା କରିଦେଇଥିବା ସେ କହିଛନ୍ତି। ରାସ୍ତା ନିର୍ମାଣରେ ହେଉଥିବା ଅନିୟମିତତା ଉପରେ ତଦନ୍ତ ହେଲେ ସତ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।




# ୧ ଲକ୍ଷ ୧ ହଜାର ୬୧୨ ନିର୍ମାଣ ଶ୍ରମିକ ପଞ୍ଜୀକୃତ

**ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର**

କୋଲନରା, ୧୮।୭ (ବାପି ମିଶ୍ର )

ରାୟଗଡ଼ା ଜିଲା କୋଲନରାସ୍ଥିତ ଶ୍ରୀକ୍ଷେତ୍ର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ବିଷମକଟକ ବିଧାୟକ, କୋଲନରା ପଞ୍ଚାୟତ ସମିତି ଅଧ୍ୟକ୍ଷ ସଂଯୁକ୍ତା କୁଲସିକା, ଜିଲା ଶ୍ରମ ଅଧିକାରୀ ଯସ୍ମୀନ ଶୁଭଦର୍ଶିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲାରେ ପଞ୍ଜୀକୃତ ସଂଗଠିତ ଓ ଅଣସଂଗଠିତ ଶ୍ରମିକମାନଙ୍କ ତାଲିକା ଉପସ୍ଥାପନ କରିବା ସହ ସେମାନଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ସହାୟତା ସମ୍ବନ୍ଧରେ ଆଲୋଚନା କରିଥିଲେ ।



ଜଣେ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ଜିଲା ଶ୍ରମ କାର୍ଯ୍ୟାଳୟରେ ଆଜି ପର୍ଯ୍ୟନ୍ତ ମୋଟ ୧ ଲକ୍ଷ ୧ ହଜାର ୬୧୨ ଜଣ ନିର୍ମାଣ ଶ୍ରମିକ ନାମ ପଞ୍ଜୀକୃତ କରିଛନ୍ତି। ସେହିପରି ଜିଲାରେ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ମୋଟ ୨ କୋଟି ୩୭ ଲକ୍ଷ ୪୭ ହଜାର ୪୧୮ ଟଙ୍କା ଲେବର ସେସ୍ ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି। ୨୦୨୩-୨୦୨୪ ଆର୍ଥିକ ବର୍ଷରେ ଶିକ୍ଷା ସହାୟତା ବାବଦରେ ୫୦ ଜଣ ହିତାଧିକାରୀଙ୍କୁ ୨ ଲକ୍ଷ ୫୬ ହଜାର ୨୦୦, ୬୩ ଜଣଙ୍କୁ ବିବାହ ସହାୟତା ଭାବେ ୩୦ ଲକ୍ଷ ୫୦ ହଜାର, ପ୍ରସୂତୀକାଳିନ ସହାୟତା ବାବଦରେ ୮ ଜଣକୁ ୮୦ ହଜାର ଟଙ୍କା, ମୃତ୍ୟୁ ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପାଇଁ ୨୫୯ ଜଣକୁ ୨ କୋଟି ୫୨ ଲକ୍ଷ ୭୬ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜିଲା ଶ୍ରମ ଅଧିକାରୀ ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ସରସ୍ୱତୀ ମାଝୀ , ରାୟଗଡ଼ା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଅନସୁୟା ମାଝୀ, କୋଲନରା ଜିଲା ପରିଷଦ ଧବଳେଶ୍ୱର ନାଇଡୁ, ସଭ୍ୟ ଟି. ଅଙ୍କେଟି, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ ଯୋଗଦାନ କରି ନିର୍ମାଣ ଶ୍ରମିକମାନଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ଅସ୍ୱାଭାବିକ ଭାବେ ଗର୍ଭବତୀଙ୍କ ମୃତ୍ୟୁ

ଜୟପୁର, ୧୮।୭ (ପବନ ପାଣିଗ୍ରାହୀ)
କୋରାପୁଟ ଜିଲା ଜୟପୁରରେ ଜଣେ ଗର୍ଭବତୀ ମହିଳାଙ୍କ ମଙ୍ଗଳବାର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି। ତାଙ୍କ ନାମ ଝୁନୁ ଗୌଡ(୩୧)। ସେ ରାୟଗଡା ଜିଲା ଶିଖରପାଇର ବୋଲି ଜଣାପଡିଛି। ରାୟଗଡା ଜିଲା ଶିଖରପାଇର ରତ୍ନାକର ନାୟକ ସ୍ତ୍ରୀ ଝୁନୁଙ୍କ ସହ ଜୟପୁରର ଗୌଡସାହିରେ ରହୁଥିଲେ। ମଙ୍ଗଳବାର ଝୁନୁ ପଡି ଯାଇଥିଲେ। ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ଝୁନୁଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜୟପୁର ଟାଉନଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ୩୦ରେ ବିଜୁ ଯୁବ, ଛାତ୍ର ଜନତାଦଳ ସମାବେଶ

କୋରାପୁଟ,୧୮।୭(ଅମିତାଭ ବେହେରା)- କୋରାପୁଟରେ ଆସନ୍ତା ୩୦ରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଏକ ସମାବେଶ ହେବ। ଏନେଇ ପୁଜାରିପୁଟ କଲ୍ୟାଣମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଯୁବ ବିଜୁ ଜନତା ଦଳ ସଭାପତି ଲଲାଟ ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲା ବିଜେଡି ସଭାପତି ଝିନ ହିକକା, କୋରାପୁଟ ବିଧାୟକ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ପୂର୍ବତନ ବିଧାୟକ କୈଳାସ କୁଲେସିକା, କୋରାପୁଟ ଜିଲା ମହିଳା ବିଜେଡି ପର୍ଯ୍ୟବେକ୍ଷିକା ମୀରା ପରିଡା, ଜିଲା ବିଜୁ ମହିଳା ସଭାପତି ପାର୍ବତୀ ମସ୍ତି , ଜୋନାଲ ସଭାନେତ୍ରୀ ଲତା ରାୟ, ବିଭିନ୍ନ ବ୍ଲକର ଯୁବ ଓ ଛାତ୍ର ଜନତା ଦଳ ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ପୁଷ୍ଟିହୀନତାଜନିତ ସମସ୍ୟା ଚିହ୍ନଟ ନେଇ ତାଲିମ



ଦଶମନ୍ତପୁର, ୧୮।୭ (ଅରବିନ୍ଦ ନାୟକ)- କୋରାପୁଟ ଜିଲାରେ ଶିଶୁ ଓ ମହିଳାମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଦେଖାଦେଉଛି। ଗ୍ରାମାଞ୍ଚଳ ଲୋକେ ସେମାନଙ୍କ ସମସ୍ୟା ଠିକ୍ ରୂପେ ଚିହ୍ନଟ କରିପାରୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଦଶମନ୍ତପୁର ବ୍ଲକର ୪୦ଟି ଗ୍ରାମର ଯୁବ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ସୁପୋଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହାର ମୁଖ୍ୟ ଅଧିକାରୀ ଜନ୍ମେଜୟ ରାଉତ ଓ ସହକର୍ମୀ କଲ୍ୟାଣୀ ଦାସ, ସୋସାଇଟିର ସ୍ୱେଚ୍ଛାସେବୀ କବିରାଜ ଚାଲାଣ ୫ଟି ପଞ୍ଚାୟତରେ ଦଶଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଯୁବ ସ୍ୱେଚ୍ଛାସେବୀମାନେ ଗ୍ରାମ ସ୍ତରରେ କିପରି ଗ୍ରାମବାସୀମାନଙ୍କ ପୁଷ୍ଟିହୀନତାଜନିତ ସମସ୍ୟା ଚିହ୍ନଟ କରି ଏହି ସମସ୍ୟାର ସମାଧାନ କରିବେ ସେନେଇ ତାଲିମ ନେବେ। ତାଲିମ କାର୍ଯ୍ୟକ୍ରମକୁ ଗୌର ଚନ୍ଦ୍ର ରଜପାଲିଆ ଓ ଝସକେତନ ରଣା ପରିଚାଳନା କରୁଛନ୍ତି। ଗତକାଲି ପ୍ରଥମ ଦିବସରେ ପିଏଲ ଏ. ଚକ୍ର, ପୁଷ୍ଟିହୀନତା ଚକ୍ର, ପାୱାର ଖେଳ ଓ ମିଞ୍ଜିର କାହାଣୀ ଉପରେ ଆଲୋଚନା କରିଥିଲେ।

# ଡାଟା ଅପରେଟ୍ ରୁମ୍‌ରେ ତାଲା ପକାଇ ଡିଇଓଙ୍କ ବିରୋଧ

- ଥାନାରେ ଅଭିଯୋଗ କଲେ ସଭାପତି, ନିର୍ଦ୍ଦେଶକ
- ୪୬୦ କାର୍ଡ ଜାଲିଆତି କରିଥିଲେ ପୁରୁଣା ଡିଇଓ
- ସେମାନଙ୍କୁ ବାହାର କରିବାକୁ ଚାଷୀଙ୍କ ସହ ଅନ୍ୟମାନଙ୍କ ଦାବି
- ଜିଲା ପ୍ରଶାସନ ହସ୍ତକ୍ଷେପ କରି ସମାଧାନ କରୁ

କୁନ୍ଦୁରା,୧୮।୭ (ସନ୍ତୋଷ ପ୍ରହରାଜ)


କାର୍ଯ୍ୟରୁ ଅନ୍ତର ହୋଇଥିବା ଡିଇଓମାନେ ମଙ୍ଗଳବାର ପକାଇଥିବା ତାଲା।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦରସ୍ଥିତ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ସୋମବାରଠାରୁ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ)ମାନେ ଡାଟା ଅପରେଟ୍ ରୁମ୍‌ରେ ତାଲା ପକାଇ ବିରୋଧ ପ୍ରଦର୍ଶନ କରିଛନ୍ତି । ଏନେଇ କୁନ୍ଦୁରା ଲ୍ୟାମ୍ପସ୍ ସଭାପତି ସୁଭଦ୍ରା ଭୂମିଆ ଓ ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ପର୍ଶୁରାମ ମହାରଣା ମଙ୍ଗଳବାର କୁନ୍ଦୁରା ଥାନାରେ ସେମାନଙ୍କ ବିରୋଧରେ ଏତଲା ଦେଇଛନ୍ତି। ଫଳରେ ଏକ ମାମଲା ରୁଜୁ ହୋଇଛି।

ଲ୍ୟାମ୍ପସ୍ ସଭାପତି ଭୂମିଆ କହିଛନ୍ତି, ଗତ ସାଧାରଣ ପରିଷଦ ବୈଠକରେ ସମସ୍ତ ପଞ୍ଚାୟତର ଲ୍ୟାମ୍ପସ୍ ନିର୍ଦ୍ଦେଶକଙ୍କ ସହ ଆଲୋଚନା ଅନୁସାରେ ସେହି ସମୟରେ ଡାଟା ଅପରେଟର ଭାବେ କାର୍ଯ୍ୟ କରୁଥିବା ୯ ଜଣଙ୍କୁ ଏକ ରେଜୁଲେସନ ମାଧ୍ୟମରେ କାର୍ଯ୍ୟରୁ ବାହାର କରାଯାଇଥିଲା। ପ୍ରତ୍ୟେକ ପଞ୍ଚାୟତରୁ ଚାଷୀମାନେ ମଧ୍ୟ ପୁରୁଣା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବାହାର କରିବାକୁ ଦାବି କରିଥିଲେ। ସଭାପତି ଭୂମିଆ କହିଛନ୍ତି, ଯେଉଁ ଡାଟା ଅପରେଟରମାନେ ଆମକୁ କାର୍ଯ୍ୟରେ ଲଗାଯାଉ ବୋଲି ଦାବି କରିଛନ୍ତି ସେମାନେ ଲ୍ୟାମ୍ପସ୍‌ରେ ତାଲା ପକାଇଛନ୍ତି। ଆମେ ପଞ୍ଚାୟତର ନିର୍ଦ୍ଦେଶକମାନେ ସାଧାରଣ ପରିଷଦ ବୈଠକରେ ଆଲୋଚନା କରି ଏହି ୯ ଡାଟା ଅପରେଟରଙ୍କୁ ଚାଷୀ ନାମ ପଞ୍ଜୀକରଣ ପାଇଁ ରଖିଥିଲୁ। ଏମାନେ ଚାଷୀଙ୍କ ନାମ ପଞ୍ଜୀକରଣରେ ଅନିୟମିତତା କରିଛନ୍ତି। ଚାଷୀଙ୍କ ୩ଶହ କାର୍ଡ ହଜାଇଦେଲେ। ଆମେ ଏଥିପାଇଁ ଚାଷୀଙ୍କ ନିକଟରେ ଅପମାନିତ ହେଲୁ। ୪୬୦ କାର୍ଡ ଜାଲିଆତି କରିଥିଲେ ଯାହା ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜବତ ହୋଇଛି। ଡାଟା ଏଣ୍ଟ୍ରି ଅପରେଟରଙ୍କ ପାଇଁ ଲିମା ଗ୍ରାମର ଚାଷୀ ବଦ୍ରୀ ନାରାୟଣ ଆଚାର୍ଯ୍ୟ ଧାନ ବିକି ନ ପାରି ଲ୍ୟାମ୍ପସ୍ ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏବେ ପ୍ରତି ପଞ୍ଚାୟତର ଚାଷୀ ପୁରୁଣା ଡାଟା ଏଣ୍ଟ୍ରିଅପରେଟରଙ୍କୁ ବାହାର କରିବାକୁ ଦାବି କରୁଛନ୍ତି। ଆମେ କେମିତି ସେମାନଙ୍କୁ ରଖିବୁ ବୋଲି ସଭାପତି ଭୂମିଆ କହିଛନ୍ତି।

ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ପର୍ଶୁରାମ ମହାରଣାଙ୍କୁ ପଚାରିବାରୁ ସେ କହିଲେ, ଗତ ଦିନରେ ଆଉଜଣେ ଏମ୍‌ତି ଥିଲେ। ଲ୍ୟାମ୍ପସ୍‌ରେ ବାରମ୍ବାର ସମସ୍ୟା ଉପୁଜିବାରୁ ଚାଷୀ ବାରମ୍ବାର ଏଠାକୁ ଆସି ହଟ୍ଟଗୋଳ କଲେ। କାର୍ଯ୍ୟାଳୟରେ ତାଲା ପକାଇଲେ। ଉପଜିଲାପାଳ ପୁରୁଣା ଡିଇଓମାନଙ୍କୁ ବାହାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚାଷୀ ଏବଂ ସମସ୍ତ ନିର୍ଦ୍ଦେଶକଙ୍କ ଦାବି ମୁତାବକ ପୁରୁଣା ଡିଇଓଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇ ନୂଆ ୧୦ ଜଣଙ୍କୁ ରଖାଯାଇଛି ବୋଲି ମହାରଣା କହିଥିଲେ। ଜିଲା ପ୍ରଶାସନ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ଡ଼ଙ୍ଗରପଡଶୀ, ଦିଗାପୁର, ପକାନାଗୁଡ଼ା, ଘୁମର, ଲିମା ଆଦି ଅଞ୍ଚଳର ଚାଷୀ ଦାବି କରିଛନ୍ତି।

# ସମ୍ମାନିତ ହେଲେ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦ


ମହାଲକ୍ଷ୍ମୀ ମାଝୀଙ୍କୁ ବ୍ୟାଙ୍କ ମ୍ୟାନେଜର ସୁରେଶ ପଟ୍ଟନାୟକ ଉପଢୌକନ ଦେଇ ସମ୍ମାନିତ କରୁଛନ୍ତି।

ଝରିଗାଁ,୧୮।୭(କିଶୋର ଚନ୍ଦ୍ର ମଣ୍ଡଳ)

ଭାରତ ସରକାରଙ୍କ ସ୍ୱତନ୍ତ୍ର ସୈନିକ ସମ୍ମାନ ଯୋଜନାରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦରମହକୁମାରେ ରହୁଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ମହାଲକ୍ଷ୍ମୀ ମାଝିଙ୍କୁ ସମ୍ମାନିତ କରାଯାଇଛି। ମଙ୍ଗଳବାର ପୂର୍ବତନ ରାଜ୍ୟସଭା ସଦସ୍ୟ ଭଗବାନ ମାଝିଙ୍କ ବାସଭବନରେ ଉମରକୋଟ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା ପରିଚାଳକ ସୁରେଶ କୁମାର ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ତାଙ୍କ ବଡ଼ ଭାଇ ପୂର୍ବତନ ରାଜ୍ୟସଭା ସଦସ୍ୟ ଭଗବାନ ମାଝି, ପୁତୁରା ତଥା ସମିତି ସଭ୍ୟ ପ୍ରସନ୍ନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟଯେ, ପୂର୍ବତନ ରାଜ୍ୟସଭା ସଦସ୍ୟ ଭଗବାନ ମାଝିଙ୍କ ବାପା ସ୍ୱାଧୀନତା ସଂଗ୍ରାମୀ ନୀଳାମ୍ବର ମାଝି ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ବ୍ରିଟିଶ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ସେ ଇଂରେଜ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧ ବର୍ଷ କାଳ ଜେଲ ଦଣ୍ଡ ଭୋଗିଥିଲେ। ତେବେ ନୀଳାମ୍ବର ମାଝିଙ୍କ ଗୋଟିଏ ପୁଅ ଝିଅ ଅଛନ୍ତି। ନୀଳାମ୍ବର ମାଝିଙ୍କ ମୃତ୍ୟୁ ପରେ ଝିଅ ମହାଲକ୍ଷ୍ମୀ ମାଝିଙ୍କୁ ସ୍ୱାଧୀନତା ସଂଗ୍ରାମୀ ଦାୟାଦଭାବେ ସରକାର ସ୍ୱତନ୍ତ୍ର ସୈନିକ ସମ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି।

# କୋରାପୁଟ ଜିଲାକୁ 'ଭୂମି ସମ୍ମାନ ପ୍ଲାଟିନମ ପୁରସ୍କାର'

## ଜମି ଜମା ରେକର୍ଡ,ପଞ୍ଜୀକରଣ ଡିଜିଟାଲାଇଜେଶନ

କୋରାପୁଟ,୧୮।୭(ଅମିତାଭ ବେହେରା)


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, କୋରାପୁଟ ଉପଜିଲାପାଳ ବେଣୁଧର ଶବର ଓ କୋଟପାଡ ତହସିଲଦାର ଶକ୍ତି ମହାପାତ୍ର ଗ୍ରହଣ କରୁଛନ୍ତି।

ଜମିଜମା ରେକର୍ଡ ଓ ପଞ୍ଜୀକରଣକୁ ଡିଜିଟାଇଲେଜେଶନ କରିବାରେ ଉଲ୍ଲେଖନୀୟ ଭୂମିକା ପାଇଁ ରାଷ୍ଟ୍ରପତି ଦୌପଦୀ ମୁର୍ମୁ କୋରାପୁଟ ଜିଲାକୁ 'ଭୂମି' ସମ୍ମାନ ପ୍ଲାଟିନମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଜିଲାରେ ଡିଜିଟାଲ ଇଣ୍ଡିଆ ଦ୍ୱାରା ଜମିଜମା ରେକର୍ଡର ମର୍ଡନାଇଜେଶନ ପୋଗ୍ରାମ (ଡିଆଇଏଲ୍‌ଆର୍‌ଏମ୍‌ପି)ରେ ଉତ୍କର୍ଷତା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଭୂମି ସମ୍ମାନ ପ୍ଲାଟିନମ ପୁରସ୍କାର କୋରାପୁଟ ଜିଲାକୁ ମିଳିଛି। କେନ୍ଦ୍ରସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ଭୂସମ୍ପଦ ବିଭାଗ ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କୋରାପୁଟ ଜିଲାକୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, କୋରାପୁଟ ଉପଜିଲାପାଳ ବେଣୁଧର ଶବର, କୋଟପାଡ ତହସିଲଦାର ଶକ୍ତି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କଠାରୁ ମାନପତ୍ର ଗ୍ରହଣ କରିଥିଲେ। ଡିଜିଟାଲରେ ଜମିଜମା ମାମଲା ପଞ୍ଜୀକରଣ କରାଯାଉଥିବାରୁ ଅଦାଲତରେ ଜମିଜମା ସଂକ୍ରାନ୍ତ ମାମଲା ଆଗାମୀ ଦିନରେ ହ୍ରାସ ପାଇବ ଏବଂ ଆର୍ଥିକ ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି କୁହାଯାଇଛି। ଏହି ଅବସରରେ କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳୁଛି। ସୂଚନାଯୋଗ୍ୟ, ରାଜ୍ୟର ୧୯ଟି ଜିଲା ଏପରି ସମ୍ମାନ ପାଇଛନ୍ତି।

# ସାମାଜିକ କର୍ମୀଙ୍କ ପରଲୋକ

ସେମିଲିଗୁଡା, ୧୮।୭
(ବାସୁଦେବ ବରାଡ଼)

ସେମିଲିଗୁଡ଼ା ମ୍ୟୁନିସିପାଲିଟି ଅଞ୍ଚଳରେ ବାସ କରୁଥିବା ସାମାଜିକ କର୍ମୀ ଘନଶ୍ୟାମ ରାଉତଙ୍କ ସୋମବାର ପରଲୋକ ହୋଇଯାଇଛି। କୌଣସି କାର୍ଯ୍ୟରେ ସେ ନିଜ ଗ୍ରାମ ଗଜପତି ଜିଲାର ଗୁରାଣ୍ଡି ଗ୍ରାମକୁ ଯାଇଥିଲେ। ସେଠାରୁ ଫେରି ଘନଶ୍ୟାମ ଅସୁସ୍ଥ ହୋଇ ପଡ଼ିଥିଲେ। ପରେ ତାଙ୍କର ହୃଦଘାତରେ ପରଲୋକ ହୋଇଛି। ଗୁରାଣ୍ଡିରୁ ତାଙ୍କ ମୃତଦେହ ଆସିବା ପରେ ବହୁ ଲୋକ ତାଙ୍କର ଶେଷ ଦର୍ଶନ କରିଛନ୍ତି। ସେ ସର୍ବଦା ଅସହାୟ ଲୋକଙ୍କୁ ସହାୟତା କରି ଆସୁଥିଲେ। ଅସୁବିଧାରେ ପଡ଼ିଥିବା ଯେକୌଣସି ବ୍ୟକ୍ତି ତାଙ୍କ ନିକଟରେ ପହଞ୍ଚିଲେ ତାକୁ ସାହାଯ୍ୟ କରିବାକୁ ଘନଶ୍ୟାମ କୁଣ୍ଠିତ ହେଉ ନ ଥିଲେ। ତାଙ୍କ ପରି ଜଣେ ଆମାୟିକ ବ୍ୟକ୍ତିଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ଗ୍ରାମପଞ୍ଚାୟତର ନିଜସ୍ୱ ସମ୍ବଳ ବୃଦ୍ଧି ନେଇ ତାଲିମ


ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ନବରଙ୍ଗପୁର,୧୮।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସଦର ମହକୁମାସ୍ଥିତ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ ଗୃହରେ ମଙ୍ଗଳବାର ନିଜସ୍ୱ ସମ୍ବଳ ବୃଦ୍ଧି ଉପରେ ଏକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ୍ ଶିବିରରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଯୋଗଦେଇ ତାଲିମ୍‌ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅନନ୍ୟା ଦାସ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଜିଲା ପ୍ରକଳ୍ପ ପରିଚାଳକ ସାସ୍ୱତୀ ଅମୃତା ମହାନ୍ତି ତାଲିମ୍ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶିବିରରେ ନବରଙ୍ଗପୁର ବ୍ଲକର ଅଗ୍ନିପୁର, ବାସିନୀ, ବାଗ ସିଉନି, ଭଦ୍ରା ସିଉନି ଗ୍ରାମ ପଞ୍ଚାୟତର ସମସ୍ତ ସରପଞ୍ଚ, ୩ ଜଣ ଲେଖାଏଁ ୱାର୍ଡ ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, କ୍ଷେତ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ନିଜ ପଞ୍ଚାୟତକୁ ଦାରିଦ୍ର୍ୟମୁକ୍ତ କରିବା ପାଇଁ କିପରି ବିଭିନ୍ନ ବିଭାଗର ସମନ୍ୱୟରେ ଉନ୍ନୟନ ଯୋଜନାଗୁଡିକର ସଫଳ ରୂପାୟନ କରାଯିବ ସେ ଉପରେ ଆଲୋଚନା କରିଥିଲେ। ତାଲିମ କାର୍ଯ୍ୟକ୍ରମକୁ ରିସୋର୍ସ ପର୍ସନ ସନ୍ତୋଷ କୁମାର ଷଡଙ୍ଗୀ ପରିଚାଳନା କରିଥିଲେ।

# ୨ଜିଲାର ନିର୍ବାହୀ ଅଧିକାରୀ, ଟିଆରପିଙ୍କୁ କ୍ଲଷ୍ଟରସ୍ତରୀୟ ତାଲିମ

କୋରାପୁଟ,୧୮।୭
(ଅମିତାଭ ବେହେରା)



ପୌର ନିର୍ବାହୀ ଅଧିକାରୀ ଓ ଟିଆରପିଙ୍କୁ ମିଳିଥିବା ପ୍ରମାଣପତ୍ର ଦେଖାଉଛନ୍ତି।

କୋରାପୁଟସ୍ଥିତ ମ୍ୟୁନିସିପାଲିଟି ଅଡିଟୋରିୟମଠାରେ କୋରାପୁଟ ଓ ମାଲକାନାଗିରି ଜିଲାର ପୌର ନିର୍ବାହୀ ଅଧିକାରୀ ଓ ଟିଆରପିମାନଙ୍କୁ ନେଇ ଏକ କ୍ଲଷ୍ଟରସ୍ତରୀୟ ଟିମ୍ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟଅତିଥି ରୂପେ ଯୋଗଦେଇ କର୍ମଶାଳକୁ ଉଦ୍‌ଘାଟନ କରି କର୍ମଶାଳା ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ। କୋରାପୁଟ ପୌରନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ପୌର ଉପାଧ୍ୟକ୍ଷା ସବିତା ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ କୋରାପୁଟ ଓ ମାଲକାନଗିରି ଜିଲାରୁ ଆସିଥିବା ନିର୍ବାହୀ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଫେକାଲ ସ୍ଲଜ ଟ୍ରିଟେମେଣ୍ଟ ପ୍ଲାଣ୍ଟର ପରିଚାଳନାକୁ ନେଇ କର୍ମଶାଳାରେ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନାବେଡା ପୌରନିର୍ବାହୀ ଅଧିକାରୀ ନାରାୟଣ ନାୟକ, କୋଟପାଡ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖରା, ମାଲକାନାଗିରି ନିର୍ବାହୀ ଅଧିକାରୀ କାହ୍ନୁ ଚନ୍ଦ୍ର ପଟ୍ଟନାୟକ, ବାଲିମେଳା ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, କୋଟପାଡ ଟିଆରପି ପ୍ରିୟଙ୍କା ପ୍ରଧାନୀ, ସୁନାବେଡା ଟିଆରପି ସ୍ମିତା ପଟ୍ଟନାୟକ, ମାଲକାନାଗିରି ଟ୍ରିଆରପି ଶିବାନୀ ନାୟକ, ଜୟପୁର ଟିଆରପି ରୁଚିସ୍ମିତା ଟାକ୍ରିଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠିର ସଭ୍ୟାମାନେ ଉପସ୍ଥିତ ଥିଲେ। କର୍ମଶାଳାରେ ତାଲିମଦାତା ଭାବେ ରାଜୀବ ଲୋଚନ ରାମ, ରଶ୍ମିରେଖା ବିଶ୍ୱାଳ, ଶତାବ୍ଦୀ ଦାସ, ଅରୁଣ ହିଆଲ ଯୋଗ ଦେଇଥିଲେ। ଉପସ୍ଥିତ ଅଧିକାରୀ ଓଟିଆରପିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସିଏମୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ ପରିଚାଳନା କରିଥିଲେ।

# ମହିଳା ପରିବା ବ୍ୟବସାୟୀଙ୍କୁ କିଷାନ କୋଟ ବଣ୍ଟନ

ଜୟପୁର,୧୮।୭ (ପବନ ପାଣିଗ୍ରାହୀ)

ଜୟପୁର ବକ୍ସି ସାହିସ୍ଥିତ ତ୍ରିନାଥ ସେବା ପରିଷଦ ଓ ଅନ୍ନପୂର୍ଣ୍ଣା ଭବନ ପକ୍ଷରୁ ସହରର ରାସ୍ତା ପାର୍ଶ୍ୱ ଓ ବଜାର ଅଞ୍ଚଳରେ ପରିବା ବିକ୍ରି କରୁଥିବା ମହିଳାମାନଙ୍କୁ ମାଗଣା କିଷାନ୍ କୋଟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପରିଷଦ ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ମହାପାତ୍ର, ଦେବାଶିଷ ମହାପାତ୍ର, ପରେଶ ରଥଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଅନ୍ୟାନ୍ୟ ସାମାଜିକ ପ୍ରକଳ୍ପ ମାଧ୍ୟମରେ ସହରର ବିଭିନ୍ନ ସ୍ଥାନରେ ଫଳ ଚାରାଚାରା ରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ମିଶ୍ର କହିଥିଲେ।

# ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖ ଗଛ ଉପୁଡିଲା

କୋରାପୁଟ,୧୮।୭(ଅମିତାଭ ବେହେରା)

କୋରାପୁଟ ଜିଲାରେ ମଙ୍ଗଳବାର ୭୨୭.୬ ମିମି ବର୍ଷା ହୋଇଛି। ଜିଲାର ଜୟପୁର ବ୍ଲକରେ ସର୍ବାଧିକ ୮୯.୬ ମି.ମି. ବର୍ଷା ହୋଇଥିବା ବେଳେ ନାରାୟଣପାଟଣା ବ୍ଲକରେ ସର୍ବନିମ୍ନ ୧୪.୬ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ଜିଲାର ବୈପାରିଗୁଡା ବ୍ଲକରେ ୭୯ ମି.ମି., କୋରାପୁଟ ବ୍ଲକରେ ୭୮ ମି.ମି.,ଲମତାପୁଟ ବ୍ଲକରେ ୭୨ ମି.ମି.ବର୍ଷା ହୋଇଥିବାବେଳେ ଦଶମନ୍ତପୁର ବ୍ଲକରେ ୬୯ ମି.ମି. ବର୍ଷା ହୋଇଛି। ସେହିପରି କୋଟପାଡ ବ୍ଲକରେ ୫୨ ମି.ମି., ପଟ୍ଟାଙ୍ଗି ବ୍ଲକରେ ୩୦.୩ମି.ମି., ନନ୍ଦପୁର ବ୍ଲକରେ ୫୨ମି.ମି., ସେମିଲିଗୁଡା ବ୍ଲକରେ ୬୨.୫ ମି.ମି., କୁନ୍ଦୁରା ବ୍ଲକରେ ୫୦.୬ ମି.ମି., ଲକ୍ଷ୍ମୀପୁର ବ୍ଲକରେ ୩୧ ମି.ମି., ବନ୍ଧୁଗାଁ ବ୍ଲକରେ ୨୨ ମି.ମି. ଓ ବୋରିଗୁମ୍ମା ବ୍ଲକରେ ୨୫ମି.ମି.ବର୍ଷା ହୋଇଥିବା ଜଣାପଡିଛି । କୋରାପୁଟରେ ପ୍ରବଳ ବର୍ଷା ଯୋଗୁ ଜିଲା ଜିଲାପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଏକ ବଡଗଛ ଉପୁଡି ଜିଲା ପରିଷଦ କାର୍ଯ୍ୟାଳୟ ସମେତ ୨୬ ନଂ. ଜାତୀୟ ରାଜପଥ ଉପରେ ପଡିଥିଲା। ଫଳରେ ଜାତୀୟ ରାଜପଥରେ କିଛି ସମୟ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଓଡ୍ରାଫ ଟିମ ପହଞ୍ଚି ଗଛକୁ କାଟି ସଫା କରିବା ପରେ ଗାଡିମୋଟର ଚଳାଚଳ ହୋଇଥିଲା। ଅନ୍ୟପକ୍ଷରେ ଏହି ବର୍ଷା ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ୫ରୁ ଉର୍ଦ୍ଧ୍ୱ ମାଟିଘର ଭାଙ୍ଗିଥିବା ଜଣାପଡିଛି ।



ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଉପୁଡି ପଡିଥିବା ଗଛ।

# ସ୍ୱାସ୍ଥ୍ୟସେବା,ଶିକ୍ଷା ଅବ୍ୟବସ୍ଥା ନେଇ ହଟ୍ଟଗୋଳ

- ଜିଲା ପରିଷଦ ବୈଠକ
- ଜିଲାରେ ବନୀକରଣ ଫାଇଲରେ ବେଶି, ଫିଲଡରେ କମ: ତାରା
- ଅଚଳ ଜଳ ଯୋଗାଣ ପ୍ରକଳ୍ପ ତୁରନ୍ତ ସଜାଡିବାକୁ ଦାବି
- ଖାଲିପଡିଛି ଅନେକ ମଞ୍ଜରପ୍ରାପ୍ତ ଡାକ୍ତର ପଦବୀ
- ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି କି ଆମ୍ବୁଲାନ୍ସ ନାହିଁ

କୋରାପୁଟ,୧୮।୭(ଅମିତାଭ ବେହେରା)


ଜିଲା ପରିଷଦର ୫୩ତମ ବୈଠକରେ ଉପସ୍ଥିତ ଏମ୍ପି, ବିଧାୟକ ଓ ଜିଲା ପରିଷଦ ସଭ୍ୟାସଭ୍ୟମାନେ ଆଲୋଚନା କରୁଛନ୍ତି।

କୋରାପୁଟରେ ଜିଲା ପରିଷଦ ବୈଠକ ମଙ୍ଗଳବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି। ପରିଷଦର ଏହି ୫୩ତମ ବୈଠକରେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ଅବ୍ୟବସ୍ଥା ନେଇ ସଭ୍ୟମାନେ ବୈଠକରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଜିଲାରେ ବନୀକରଣ ଉପରେ ଜିଲା ପରିଷଦ ଅଧ୍ୟକ୍ଷ, ଏମ୍ପି, ବିଧାୟକ ଓ ଜିଲା ପରିଷଦ ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲା ପରିଷଦ ସଭାପତି ସସ୍ମିତା ମେଲେକାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ କୋରାପୁଟ ଜିଲାପାଳ ଅବଦାଲ ଏମ. ଅଖତର, ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି, କୋରାପୁଟ ଏମ୍ପି ଅନୁପସ୍ଥିତ ଥିବାରୁ ତାଙ୍କ ପ୍ରତିନିଧି ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲୱାର, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟଙ୍କ ସମେତ ଜିଲା ପରଷଦ ସଭ୍ୟା ଓ ସଭ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲାରେ ଶିକ୍ଷା ଓ ବନୀକରଣ ବ୍ୟବସ୍ଥା କେବଳ କାଗଜପତ୍ରରେ ଚାଲୁଛି ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଅଭିଯୋଗ କରି ଜିଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କେବଳ ଫାଇଲରେ ବେଶୀ ଓ ଫିଲଡରେ କମ ହେଉଛି ବୋଲି ସେ କହିଥିଲେ।

ମଙ୍ଗଳବାର ବସିଥିବା ଜିଲା ପରିଷଦ ବୈଠକରେ ପ୍ରଥମେ ଜିଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଜିଲାରେ ମଞ୍ଜୁରିପ୍ରାପ୍ତ ୩୮ ଡାକ୍ତରୀ ପଦବୀ ମଧ୍ୟରୁ ୨୨୦ଟି ଖାଲିପଡିଛି। ଫଳରେ ଜିଲାରେ ସ୍ୱାସ୍ଥ୍ୟସେବା ଭୁସୁଡିପଡିଛ ବୋଲି ବିଧାୟକ ବାହିନୀପତି ଓ ଜିଲାପରିଷଦ ସଭ୍ୟମାନେ ଅଭିଯୋଗ କରିଥିଲେ । ଜିଲାର ଅଧିକାଂଶ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ଆମ୍ବୁଲାନ୍ସ ଅଭାବ ନେଇ ସଭ୍ୟମାନେ ଅଧ୍ୟକ୍ଷଙ୍କ ଦୃଷ୍ଟିକୁ ଆଣିଥିଲେ। ଜିଲାର ଶିକ୍ଷାବ୍ୟବସ୍ଥା ଉପରେ ଆଲୋଚନା କରି ନବରଙ୍ଗପୁର ଏମ୍ପି ବୈଠକରେ ଜିଲାର ଶିକ୍ଷା ବ୍ୟବସ୍ଥା ବିପନ୍ନ ହୋଇପଡିଛି। ଏଥିପାଇଁ ସେ କୋରାପୁଟ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାୟୀ କରି ତାଙ୍କର ବଦଳି ଦାବି କରିଥିଲେ। ସେହିପରି ଜୟପୁର ବିଧାୟକ ବାହିନୀପତି ଜିଲାରେ କୌଣସି ସର୍ଭେ କରା ନ ଯାଇ ବହୁ ସ୍କୁଲ ବନ୍ଦ କରାଯାଇଛି ବୋଲି ଅଭିଯୋଗ କରି ରାଜ୍ୟ ସରକାର ୫-ଟି ଅନୁଯାୟୀ ଶିକ୍ଷାର ଉନ୍ନତି ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲାଗି କେବଳ ବିଭିନ୍ନ ବିଦ୍ୟାଳୟକୁ ରୂପାନ୍ତରଣ କରୁଛନ୍ତି ମାତ୍ର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ। ଶିକ୍ଷା ବ୍ୟବସ୍ଥାକୁ ନେଇ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା ମଧ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

ବୈଠକରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡିକରେ ମଞ୍ଜୁରିପ୍ରାପ୍ତ ଶିକ୍ଷକଙ୍କ ସଂଖ୍ୟା ୮୭୨ ଥିବାବେଳେ ବର୍ତ୍ତମାନ ୬୨୩ ଶିକ୍ଷକ ଅଛନ୍ତି। ୨୪୯ ପଦବୀ ଖାଲି ପଡିଥିବା ଜିଲା ମଙ୍ଗଳ ଅଧିକାରୀ ସୁନିଲ ତାଣ୍ଡି କହିଥିଲେ। ବନ ବିଭାଗ, ଉଦ୍ୟାନ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ, ଉଠାଜଳସେଚନ ଓ କ୍ଷୁଦ୍ର ଜଳସେଚନ ବିଭାଗ ଉପରେ ଆଲୋଚନା ହୋଇଥିଲା। ବନ ବିଭାଗର ଆଲୋଚନାବେଳେ ଜୟପୁର ବନଖଣ୍ଡ ଅଧୀନରେ ହେଉଥିବା ବନୀକରଣ କାର୍ଯ୍ୟ କେବଳ କାଗଜପତ୍ରରେ ଚାଲିଛି। ଜୟପୁର ବନ ବିଭାଗର ଅଧିକାରୀମାନେ ବନୀକରଣ ନେଇ ଜିଲାକୁ ଆସୁଥିବା ଅର୍ଥହଡପ କରୁଛନ୍ତି ବୋଲି ବିଧାୟକ ବାହିନୀପତି ଅଭିଯୋଗ କରିଥିଲେ। ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ୯୦୭ ସୌରଚାଳିତ ପମ୍ପ ଦ୍ୱାରା ଜଳ ଯୋଗାଣ ହେଉଥିବାବେଳେ ଏବେ ସେଥିରୁ ୨୭୦ଟି ପ୍ରକଳ୍ପ ଅଚଳ ହୋଇପଡିଥିବା କୋରାପୁଟ ବିଧାୟକ ପଡାଲ ଓ ପଟ୍ଟାଙ୍ଗି ବିଧାୟକ ପାଢୀ ଅଭିଯୋଗ କରି ଅଚଳ ପ୍ରକଳ୍ପ ତୁରନ୍ତ ମରାମତି କରିବାକୁ ଦାବି କରିଥିଲେ।

# ଲଗାଣ ବର୍ଷାରେ ବଢୁଛି ବିଭିନ୍ନ ନଦୀ ଜଳସ୍ତର


ମାଲକାନଗିରି ସହରରେ ବର୍ଷା ଜଳ ।



ପୋଟେରୁ ନଦୀରେ ବୃଦ୍ଧି ପାଇଥିବା ଜଳସ୍ତର ।

ମାଲକାନଗିରି,୧୮।୭
(ଦୁର୍ଯ୍ୟୋଧନ ପାତ୍ର/ନୃସିଂହ ଚରଣ ମହାନ୍ତି)

- ମାଲକାନଗିରି ଜିଲା
- ଗଛ ଉପୁଡି ଭାଙ୍ଗିଲା ଘର

ମାଲକାନଗିରି ଜିଲାରେ ଗତ ଦୁଇଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ଫଳରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ପୋଟେରୁ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ମାଥିଲି ବ୍ଲକ ପାଙ୍ଗାମ ନଦୀର ଜଳସ୍ତର ମଧ୍ୟ ବୃଦ୍ଧିପାଇବାରେ ଲାଗିଛି। ମାଲକାନଗିରି ସହରର ବିଭିନ୍ନ ଅଞ୍ଚଳ ଦେଇ ବର୍ଷା ଜଳ ପ୍ରବେଶ କରିବା ଦ୍ୱାରା ସଦର ମହକୁମାର ବିଭଇନ୍ନ ଅଞ୍ଚଳରେ ବର୍ଷା ଜଳ ଜମି ରହିଥିବା ଦେଖିବାକୁ ମିଳୁଛି। ସେହିପରି ଜାତୀୟ ରାଜପଥରେ ଅନେକ ସ୍ଥାନରେ ବର୍ଷା ଜଳ ଜମି ରହିବା ସୁକୁମା ଛକ, ସତ୍ୟମଗୁଡା ଅଞ୍ଚଳରେ ଦେଖିବାକୁ ମିଳିଛି। ଗତ ରାତିରେ ବର୍ଷା ଯୋଗୁ ଡିଏନ୍‌କେ ସ୍ଥିତ ଦିବାକର ସାହୁଙ୍କ ଘର ଉପରେ ଏକ ବିରାଟକାୟ ଗଛ ପଡି ଯିବାରୁ ତାଙ୍କର ଦୁଇ ବଖରା ଭାଙ୍ଗି ଯାଇଛି। ତେବେ ଘରେ କେହି ନ ଥିବାରୁ ବର୍ତ୍ତି ଯାଇଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଙ୍ଗଳବାର ସକାଳୁ ଉକ୍ତ ଗଛକୁ କାଟି ହଟାଇଛନ୍ତି। ଜିଲା ପ୍ରଶାସନର ତଥ୍ୟ ଅନୁଯାୟୀ ମାଲକାନଗିରି ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରିରେ ୫୬.୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ମାଥିଲିରେ ୯୮.୦, ଖଇରପୁଟରେ ୧୦୭.୦, ଚିତ୍ରକୋଣ୍ଡାରେ ୬୦.୦, କୋରୁକୋଣ୍ଡାରେ ୬୨.୦ କାଲିମେଳାରେ ୩୦.୦ ଓ ପଡିଆରେ ୨୯.୩ ମିଲିମିଟର ବର୍ଷା ହୋଇଛି। ତେବେ ଜିଲାରେ ମୋଟ ୪୪୨.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

## ବଢୁଛି ପୋଟେରୁ ନଦୀ

ପୋଟେରୁ, (ସୌରଭ ମଣ୍ଡଳ)

ଗତ କିଛିଦିନ ଧରି ହେଉଥିବା ଲଘୁଚାପ ବର୍ଷା ଯୋଗୁ ମାଲକାନଗିରି ଜିଲାର ବିଭିନ୍ନ ନଦୀ ଓ ନାଳରେ ଜଳସ୍ତର ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଜିଲାର ପୋଟେରୁ ନଦୀ ପୋଲରୁ ପ୍ରାୟ ୩ ଫୁଟ ତଳକୁ ଜଳ ରହିଥିବା ବେଳେ ଗତ ୧୨ ଘଣ୍ଟା ମଧ୍ୟରେ ପ୍ରାୟ ୧୦ ଫୁଟ ଜଳସ୍ତର ବୃଦ୍ଧି ପାଇଛି ।

## ବିଜେଡି ବୁଥ୍ କମିଟି ଗଠିତ

ମାଲକାନଗିରି,
୧୮।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଜୁ ଜନତା ଦଳ ତରଫରୁ ସଦର ବ୍ଲକ ପଦ୍ମଗିରି ଜିଲା ପରିଷଦ ଜୋନ୍ ୧୩ରେ ବୁଥ କମିଟି ଗଠନ ହୋଇଛି। ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ଅଧ୍ୟକ୍ଷତାରେ ଗୌଡଗୁଡା ପଞ୍ଚାୟତର ସମସ୍ତ ୱାର୍ଡକୁ ନେଇ ମଙ୍ଗଳବାର ଏକ ବୈଠକ ଗୌଡଗୁଡା ପଞ୍ଚାୟତ ସଦର ମହକୁମାରେ ଅନୁଷ୍ଠିତ ହୋଇଥିଲା। ତୃଣମୂଳସ୍ତରରେ ରାଜ୍ୟ ସରକାରଙ୍କ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହୋଇଛି କି ନାହିଁ ବୁଥ୍ କମିଟି ତାହାର ତଦାରଖ କରିବା ସହ ଲୋକଙ୍କ ସମସ୍ୟା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା। ବିଜୁ ଜନତା ଦଳ ସଂଗଠନକୁ ସୁଦୃଢ କରିବା ପାଇଁ ସମସ୍ତ କର୍ମୀ ଏବଂ କର୍ମକର୍ତ୍ତାମାନେ କାମ କରିବାକୁ ମାଡକାମି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଦଶରଥ ମହନ୍ତ, ସଂଯୋଜକ ଗୋପୀ ପାଙ୍ଗି, ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମି, ସିନ୍ଧ୍ରିମାଲ ସରପଞ୍ଚ ଘାସି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନକଲି ଅଫିସରଙ୍କୁ ଖୋଜୁଛି ପୋଲିସ

ବ୍ରହ୍ମପୁର,୧୮।୭(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସକୁ ଭୁଆଁ ବୁଲାଇ ଟାଉନ ଥାନା ଅନ୍ତର୍ଗତ ପାନବିକା ସାହିରେ ଚଢ଼ାଉ କରିଥିବା ନକଲି ଅଫିସରଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି। ସେମାନଙ୍କ ବିରୋଧରେ ଏତଲା ହୋଇଥିବା ବେଳେ ସେମାନଙ୍କୁ ନୋଟିସ୍ କରାଯିବ ବୋଲି ଟାଉନଥାନା ଅଧିକାରୀ ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ , ବ୍ରହ୍ମପୁର ସହରରେ ସନ୍ତୋଷ କୁମାର ବେହେରାଙ୍କ ହୋଟେଲ୍ ନିର୍ମାଣ କାର୍ଯ୍ୟ ଚାଲିଛି। ୧୫ତାରିଖ ରାତିରେ କିଛି ଲୋକ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ରଘୁରାଜ ସାହୁ ନିଜକୁ ହ୍ୟୁମାନ୍ ରାଇଟସ୍ ଚେୟାରମ୍ୟାନ୍ ବୋଲି ପରିଚୟ ଦେଇ ଉକ୍ତ କାମ ବନ୍ଦ କରିଥିଲେ। ପରେ ସେଠାରେ ନିୟୋଜିତ ସମସ୍ତ ଗାଡ଼ି ଗୁଡ଼ିକୁ ଥାନାକୁ ଆଣି ରଖିଥିଲେ। ସେହିପରି କର୍ମଚାରୀ ମାନେ ଟାଉନ ଥାନାରେ ବସିଥିବା ବେଳେ ସନ୍ତୋଷ ଖବର ପାଇ ଥାନାକୁ ଆସି ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ସେତେବେଳେ ଚଢ଼ାଉ କରିଥିବା ବ୍ୟକ୍ତିମାନେ ନକଲି ବୋଲି ଜଣାପଡିଥିଲା। ସେମାନଙ୍କର ଚଢ଼ାଉ କରିବାର କୌଣସି କ୍ଷମତା ନଥିବା ପୋଲିସ ଜାଣିବାକୁ ପାଇଥିଲା। ନିର୍ମାଣାଧୀନ କୋଠାର ଅନ୍ୟତମ ମାଲିକ ସ୍ୱପ୍ନାରାଣୀ ବେହେରା ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ।

## ଜାମିନରେ ଆସିଥିବା ଆଇତା ପାଇଲେ ସହାୟତା

ମାଲକାନଗିରି,୧୮।୭ (ଦୁର୍ଯ୍ୟୋଧନ ପାତ୍ର)

**ସିଲେଇ ମେଶିନ ଦେଲେ ଆଇନ ସେବା ପ୍ରାଧିକରଣ**

ମାଲକାନଗିରି ଜେଲର ଜଣେ କଏଦୀ ଜାମିନ ପାଇବା ପରେ ତାଙ୍କୁ ସମାଜର ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସହାୟତାର ହାତ ବଢାଇଛି ଜିଲା ଆଇନ ସେବା ପ୍ରାଧିକରଣ। ଫଳରେ ଏହା ଅନ୍ୟ ବନ୍ଦୀମାନଙ୍କ ପାଇଁ ନୂଆ ଆଶା ସଞ୍ଚାର କରିଛି। ଖବରରୁ ଜଣାପଡିଛି, ମାଲକାନଗିରି ଜିଲା ହଳଦୀକୁଣ୍ଡ ଗ୍ରାମର ଆଇତା ପଡିଆମି ମାଓବାଦୀ ସଙ୍ଗଠନରେ ଦୀର୍ଘବର୍ଷ ହେଲା ଜଡିତ ଥିଲେ। ତାଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିଲା। ଦୀର୍ଘ ଦିନ ହେବ ସେ ବିଚାରାଧୀନ ବନ୍ଦୀ ଭାବେ ଜିଲା ଉପ କାରାଗାରରେ ଜୀବନ ବିତାଉଥିଲେ। ଏଥିଯୋଗୁ ତାଙ୍କ ପରିବାର ଆର୍ଥିକ ଦୁର୍ଦ୍ଦଶାରେ ଦିନ କାଟୁଥିଲେ। ଆଇତାଙ୍କ ଅନୁରୋଧକ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ତାଙ୍କ ମାମଲା ଲଢିବାକୁ ଲିଗାଲ୍ଏଡ୍ ଡିଫେନ୍ସ କାଉନସିଲଙ୍କୁ ନିଯୁକ୍ତ ଦେଇଥିଲେ। ଏହାପରେ ଆଇତା ଜାମିନରେ ମୁକୁଳିଥିଲେ। ମାତ୍ର ଜାମିନରୁ ଆସିବା ପରେ ଆଇତା ପରିବାର ଚଳାଇବା ଲାଗି କୌଣସି ଉପାୟ ନ ପାଇ ଜିଲା ଆଇନ ସେବା ପ୍ରାଧିକରଣର ଦ୍ୱାରସ୍ଥ ହୋଇଥିଲେ। ଏଥିପାଇଁ ସେ ଏକ ଲିଖିତ ଦରଖାସ୍ତ ଆଇନସେବା ପ୍ରାଧିକରଣକୁ ଦେଇଥିଲେ। ପରେ ପ୍ରାଧିକରଣ ପକ୍ଷରୁ ତାଙ୍କୁ ଏକ ସିଲେଇ ମେଶିନ୍ ମିଳିଥିଲା। ଆଇତା ସିଲେଇ କାମ କରି ନିଜ ପରିବାର ଚଳାଇପାରିବେ ବୋଲି ପ୍ରାଧିକରଣ ସଚିବ ରାକେଶ କୁମାର ମୁଦୁଲିଙ୍କ ନିକଟରେ ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ସଚିବ ମୁଦୁଲି ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏକ ପତ୍ର ଲେଖି ଆଇତାଙ୍କୁ ଏକ ସିଲେଇ ମେଶିନ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏତଦ୍‌ବ୍ୟତୀତ ପ୍ରାଧିକରଣର ରିଟେନର ସରୋଜ ମହାନ୍ତିଙ୍କ ଉଦ୍ୟମରେ ଆଇତାଙ୍କୁ ମାହେଶ୍ୱରୀ ମହିଳା ମଣ୍ଡଳ ପକ୍ଷରୁ ମଧ୍ୟ ଆଉ ଏକ ସିଲେଇ ମେଶିନ ମିଳିଥିଲା। ଜିଲା ଆଇନସେବା ପ୍ରାଧିକରଣ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀ ମହିଳା ମଣ୍ଡଳର ସହାୟତା ପାଇଁ ଆଇତା କୃତଜ୍ଞତା ଜଣାଇଛନ୍ତି।


ଆଇତାଙ୍କୁ ସିଲେଇ ମେଶିନ ଦିଆଯାଉଛି ।

## ୧୧ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଗୋବିନ୍ଦପାଲି,୧୮।୭(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମ୍ବଗୁଡା ସରପଞ୍ଚ ସୂର୍ଯ୍ୟ ନାରାୟଣ ଜିଗିଡ ନୂତନ ଭାବେ ୧୧ ଜଣ ହିତାଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଭତ୍ତା ବଣ୍ଟନ କରିଥିଲେ। ପାଣ୍ଡରାଗୁଡା, ଫୁସୁରୁଗୁଡା ଓ ସେମିଲିଗୁଡା ଆଦି ଗ୍ରାମର ୨ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା,୩ ମହିଳାଙ୍କୁ ବିଧବା ଓ ୬ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ ସଭ୍ୟା,ସଭ୍ୟ, ନାଏବ ସରପଞ୍ଚ ଗୌରୀ ବଡନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ରେବତୀନାଥ ମାଝି ଉପସ୍ଥିତ ଥିଲେ। ମୋ ପଞ୍ଚାୟତର କୌଣସି ଯୋଗ୍ୟ ବ୍ୟକ୍ତି ଭତ୍ତା ପାଇବାରୁ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବି ବୋଲି ସରପଞ୍ଚ ଜିଗିଡି କହିଛନ୍ତି।


ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି ।

## ୩୫ଉପାନ୍ତ ଅଞ୍ଚଳରୁ ୩୨ ଛାତ୍ରୀ ଛାତ୍ର କଲେ ନାମ ପଞ୍ଜୀକରଣ


ନାମ ପଞ୍ଜୀକରଣ କରାଯାଉଛି ।

ଚିତ୍ରକୋଣ୍ଡା,୧୮।୭
(କ୍ଷୀରୋଦ ବେହେରା)

**ଆଇଟିଆଇ, ଡିପ୍ଲୋମା ଇଞ୍ଜିନିୟରିଂ**

"ଦକ୍ଷତା ଆମର ପରିଚୟ" ବିଶ୍ୱ ଦକ୍ଷତା ଦିବସ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ବୃତ୍ତି ଓ ନିଯୁକ୍ତି ପରାମର୍ଶ ଶିବିରରେ ମଙ୍ଗଳବାର ଆଇଟିଆଇ, ଡିପ୍ଲୋମା ଇଞ୍ଜିନିୟରିଂ ପାଇଁ ୩୫ ଓ ଉପାନ୍ତ ଅଞ୍ଚଳରୁ ୩୨ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଛନ୍ତି । ମାଲକାନଗିରି ଜିଲାରେ ମାଟ୍ରିକ ପାସ୍‌କରି ଅର୍ଥାଭାବ କିମ୍ବା କୌଣସି ସମସ୍ୟା ଯୋଗୁ ଛାତ୍ରୀ ଛାତ୍ରମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇ ଅଧାରୁ ପାଠ ଛାଡ଼ି ଡ୍ରପ ଆଉଟ ହୋଇ ବେକାର ରହୁଛନ୍ତି। ସେମାନଙ୍କୁ ଥଇଥାନ ତଥା ଉଚ୍ଚ ଶିକ୍ଷା ନିମନ୍ତେ ମାଗଣାରେ ଆଇଟିଆଇ ଓ ଡିପ୍ଲୋମା ଇଞ୍ଜିନିୟରିଂ ପାଇଁ ଓଡିଶା ଦକ୍ଷତା ବିକାଶ ପ୍ରାଧିକାରଣ, ଜିଲା ନିୟୋଜନ କାର୍ଯ୍ୟାଳୟ ତଥା ମାଲକାନଗିରି ଜିଲା ପ୍ରଶାସନ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ବ୍ଲକ ପାପୁଲୁର ପଞ୍ଚାୟତରେ ପାପୁଲୁର, କୁରୁମାନୁର ଓ କପାତୁଟି ପଞ୍ଚାୟତ ନିମନ୍ତେ ଚୟନ ତଥା ନାମ ପଞ୍ଜୀକରଣ ହୋଇଥିଲା । ଜିଲା ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜ ଅଫିସର ମହେଶ୍ୱର ସେଠୀ ଏବଂ ପ୍ରୋଜେକ୍ଟ ମ୍ୟାନେଜର ସ୍କିଲ ସାଶ୍ୱତୀ ରାଉତଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ବିଏଲସି ସୋମନାଥ କୁମ୍ଭାରଙ୍କ ସହଯୋଗରେ ଜିଲା ଆଇଟି ଆଇ କଲେଜ ଏବଂ ଜୟପୁର ପଲିଟେକ୍‌ନିକ କଲେଜ କର୍ମଚାରୀଙ୍କ ଉପସ୍ଥିତିରେ ୩୨ ଜଣ ମେଟ୍ରିକ ପାସ କରିଥିବା ଛାତ୍ର ଛାତ୍ରୀ ଯୋଗଦେଇ ନାମ ପଞ୍ଜୀକରଣ କରିଛନ୍ତି। ସେଇଭଳି ଉକ୍ତ କାର୍ଯ୍ୟକ୍ରମ ସୋମବାର ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବରେ ସ୍ଥାନୀୟ ସରପଞ୍ଚ ପିଙ୍କି ହନ୍ତାଳଙ୍କ ଉପସ୍ଥିତିରେ କରାଯାଇଥିଲା। ସେଥିରେ ଯୋଡ଼ାମ୍ବ, ପଣସପୁଟ ଓ ଅଣ୍ଡିରାପାଲି ପଞ୍ଚାୟତର ୩୫ ଛାତ୍ରୀ ଛାତ୍ର ଯୋଗ ଦେଇ ନାମ ପଞ୍ଜୀକରଣ କରିଥିଲେ।

## ଗୁରୁଚାନ୍ଦ ଏଜୁକେଶନ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ମାଲକାନଗିର,୧୮।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜଲା ଗୁରୁଚାନ୍ଦ ଏଜୁକେଶନ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଟ୍ରଷ୍ଟ ସଭାପତି ରବିନ୍ଦ୍ରନାଥ ବିଶ୍ୱାସଙ୍କ ସଭାପତିତ୍ୱରେ ପ୍ରଥମେ ଗୁରୁଚାନ୍ଦଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ୟୁନିଭରସିଟି ଦ୍ୱାରା ଡକ୍ଟରେଟ୍ ଉପାଧିରେ ଭୂଷିତ ହୋଇଥିବା ମାଲକାନଗିରି ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାବାସୀଙ୍କ ଭଲ ପାଇବା ଓ ଶାଶୀର୍ବାଦ ଯୋଗୁ ସେ ଏହି ସମ୍ମାନର ଅଧିକାରୀ ହୋଇ ପାରଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ବେଳେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ତହସିଲଦାର ସଞ୍ଜିର ସାହା, ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୂଜବଳ, କାଲିମେଳା ବିଇଓ ରମେଶ ଚନ୍ଦ୍ର ବାରୋଇ ଓ ଏବିଇଓ ଅନିମେଷ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ଖେମୁଣ୍ଡୁଙ୍କ କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଗୁରୁଚାନ୍ଦ ଟ୍ରଷ୍ଟର ସମସ୍ତ ସଦସ୍ୟ ସଦସ୍ୟାଙ୍କ ସହ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



ଗୁରୁଚାନ୍ଦ ଟ୍ରଷ୍ଟ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ।

## ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

କାଲିମେଳା, ୧୮।୭(ଜୀବନକୃଷ୍ଣ ଦାସ)

ଭାରତର ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ଆଦିବାସୀଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ଏବଂ ସେମାନଙ୍କ ସଂସ୍କୃତି ଏବଂ ପରିଚୟକୁ ନେଇ ହେଉଥିବା ଅବିଚାରର ପ୍ରତିବାଦରେ ମଙ୍ଗଳବାର ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ବିକାଶ ଆଳରେ ଜଳ, ଜଙ୍ଗଲ ଏବଂ ଜମିରୁ ସେମାନଙ୍କୁ ଉଚ୍ଛେଦ କରିବା ନେଇ ହେଉଥିବା ଆଇନକୁ ରଦ୍ଦ କରି ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆଦିବାସୀଙ୍କୁ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ସହ ୧୦ଟି ଦାବି ନେଇ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କାଲିମେଳା ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇଛି। ସେମାନଙ୍କ ଦାବି ମଧ୍ୟରେ ସାଧାରଣ ସିଭିଲ୍ କୋଡ୍ କାର୍ଯ୍ୟକାରୀ ପାଇଁ ଏକ ଆଇନ ପ୍ରଣୟନ କରିବା, ସେମାନଙ୍କ ପୃଥକ ଆଦିବାସୀ ପରିଚୟକୁ ବଦଳାଇବା ପାଇଁ କରାଯାଉଥିବା ଷଡଯନ୍ତ୍ର ବନ୍ଦ କରିବା, ବିକାଶ ନାମରେ, ପରିବେଶ ସୁରକ୍ଷା ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ନାମରେ ଆଦିବାସୀଙ୍କୁ ଜଳ, ଜଙ୍ଗଲ ଏବଂ ଜମିରୁ ସ୍ଥାନାନ୍ତର ବନ୍ଦ କରିବା, ଜାତୀୟ ରାଜପଥ ନିର୍ମାଣ ବେଳେ ନୂତନ ଶିଳ୍ପ କରିଡର ପାଇଁ ବିସ୍ଥାପିତ ଆଦିବାସୀଙ୍କୁ ଥଇଥାନ କରିବା,ସେମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ନୂତନ ଜଙ୍ଗଲ ଆଇନ ପ୍ରତ୍ୟାହାର, ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ ବସବାସ କରୁଥିବା ଆଦିବାସୀ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ସହ ଦାବିପତ୍ରରେ ଅନ୍ୟାନ୍ୟ ଦାବି ସମ୍ପର୍କରେ ଉଲ୍ଲେଖ ରହିଛି। ଏନେଇ ଅଗଷ୍ଟ ୭ରେ ଭରତ ବନ୍ଦ ଡାକରା ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଆଦିବାସୀ ମହାସଂଘ ସଭାପତି ୱାଗା ମାଡକାମି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଲା ମାଢ଼ି, ଦେବା ମାଡକାମି, ମାନ୍ୟମକୋଣ୍ଡା ପୂର୍ବତନ ସରପଞ୍ଚ ହରି ଗୋଲରି, ବୁଦ୍ରା କବାସୀଙ୍କ ଅନେକ ଆଦିବାସୀ ନେତା ଏକାଠି ହୋଇ ତହସିଲଦାର ଚାଇନୁ ଗଣ୍ଡଙ୍କୁ ଦାବିପତ୍ର ଦେଇଥିଲେ ।



ଦାବିପତ୍ର ଦେବାକୁ ଆସିଥିବା ଏକତା ପରିଷଦର କର୍ମକର୍ତ୍ତା ।

## ମାଲକାନଗିରି ଜିଲାରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

ବାଲିମେଳା,୧୮।୭(ଶିବଦତ୍ତ ସାହୁ)

- ସମସ୍ୟା ଘେରରେ କଲୋନୀ ୧୨ ପ୍ରାଥମିକ ବିଦ୍ୟାଳୟ
- ଶ୍ରେଣୀଗୃହ ଛାତରୁ ଗଳୁଛି ପାଣି
- ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର
- ନୀରବଦ୍ରଷ୍ଟା ଶିକ୍ଷା ବିଭାଗ କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀ

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ମାଲକାନଗିରି ଜିଲାରେ ଫେଲ ମାରିଛି ଶିକ୍ଷା ବ୍ୟବସ୍ଥା। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବାସ କରୁଥିବା ଅଞ୍ଚଳର ପିଲାମାନଙ୍କୁ ପାଠ ପଢି ଶିକ୍ଷିତ କରିବା ପାଇଁ ସରକାର ବହୁ ଶିକ୍ଷା ଅନୁଷ୍ଠାନ ଖୋଲିବା ସହିତ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବାଲିମେଳା ଏନ୍ଏସି ଅନ୍ତର୍ଗତ ୧୨ ନଂ ୱାର୍ଡରେ ୨୦୦୧ରେ ସ୍ଥାପନ ହୋଇଥିଲା କଲୋନୀ ୧୨ ପ୍ରାଥମିକ ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୦୫ ଛାତ୍ରୀ ଛାତ୍ରପାଠ ପଢୁଥିବା ବେଳେ ୩ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। କିନ୍ତୁ ଏମାନଙ୍କୁ ଅନ୍ୟ ସ୍କୁଲରୁ ଡେପୁଟେଶନରେ ଅଣାଯାଇଛି। ପାଞ୍ଚଟି ଶ୍ରେଣୀର ଛାତ୍ରୀଛାତ୍ରୀଙ୍କ ପାଇଁ ରହିଛି ମାତ୍ର ୪ଟି ଶ୍ରେଣୀ ଗୃହ। କିନ୍ତୁ ଦୀର୍ଘ ବର୍ଷ ହେଲା ବର୍ଷା ଦିନେ ଏହି ଶ୍ରେଣୀ ଗୃହ ଛାତରୁ ପାଣି ଗଳିବା ଯୋଗୁ ପିଲାମାନେ ବସି ପାଠ ପଢିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଲାମାନେ ସ୍କୁଲ ବାରଣ୍ଡାରେ ବିପଦ ସଂକୁଳ ଅବସ୍ଥାରେ ବସି ପାଠ ପଢୁଛନ୍ତି। ସ୍କୁଲ ପରିସରରେ ଗୋଟିଏ ଶ୍ରେଣୀ ଗୃହରେ ଅଭାବ ଥିବାରୁ ପ୍ରଥମରୁ ତୃତୀୟ ଶ୍ରେଣୀର ପିଲାମାନେ ଗୋଟିଏ କୋଠରିରେ ବସି ପଢୁଥିବା ଦେଖିବାକୁ ମିଳିଛି। କିନ୍ତୁ ଏତେ ସଂଖ୍ୟକ ପିଲାଙ୍କୁ ଗୋଟିଏ କକ୍ଷରେ ପଢାଇବା କଷ୍ଟକର ହେଉଛି ବୋଲି ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଗୁପ୍ତେଶ୍ୱର ମାଝି କହିଛନ୍ତି। କିଛି ବର୍ଷ ପୂର୍ବେ ପ୍ରଶାସନ ପକ୍ଷରୁ ସ୍କୁଲ ପରିସରରେ ଏକ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଶ୍ରେଣୀ ଗୃହ କାନ୍ଥ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ଛାତରୁ ପାଣି ଗଳୁଥିବାରୁ ଉକ୍ତ ଗୃହରେ ପିଲାମାନେ ବସି ପଢିବା ସମ୍ଭବ ହେଉନାହିଁ। ଫଳରେ ପିଲମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

ସ୍କୁଲ ଚତୁଃପାର୍ଶ୍ୱରେ ସ୍ଥାୟୀ ପାଚେରି ନାହିଁ। ସ୍କୁଲ କର୍ତ୍ତୃପକ୍ଷ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ୨୦୨୨ ମାର୍ଚ୍ଚ ମାସରୁ ଆଜି ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। କାର୍ଯ୍ୟରତ ସହକାରୀ ଶିକ୍ଷକ ଗୁପ୍ତେଶ୍ୱର ମାଝିଙ୍କୁ ୨୦୨୨, ଫେବୃୟାରୀରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇ ଥିବା ଜଣା ପଡ଼ିଛି। ସ୍କୁଲ ପରିଚାଳନା ନିମନ୍ତେ ଶିକ୍ଷା ବିଭାଗ ପକ୍ଷରୁ ପଡ଼ପଦର ପଞ୍ଚାୟତ ଅଧୀନରେ ଥିବା ପଣସଗନ୍ଧି ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ଅସୀମ ହାଲଦାରଙ୍କୁ ୧୬।୬।୨୨ରେ ଡେପୁଟେଶନରେ ଏହି ବିଦ୍ୟାଳୟକୁ ଅଣାଯାଇଛି। ସେହିପରି କୋରୁକୋଣ୍ଡା ବ୍ଲକ ଏମ୍‌ଭି-୩୩ ଗ୍ରାମ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରାଙ୍କୁ ଜୁଲାଇ ୬,୨୦୨୨ରେ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି।

ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବ୍ୟତୀତ ଦୀର୍ଘ ବର୍ଷ ହେଲା କାହାରିକୁ ବିଭାଗ ପକ୍ଷରୁ ସ୍ଥାୟୀ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇନାହିଁ। ଏଭଳି କ୍ଷେତ୍ରରେ ଏଠାରେ କିଭଳି ଚାଲିଛି ଶିକ୍ଷାଦାନ ଏଥିରୁ ସ୍ପଷ୍ଟ ଅନୁମେୟ। ଦୀର୍ଘ ବର୍ଷ ଧରି ବିଦ୍ୟାଳୟରେ ଲାଗି ରହିଥିବା ଉପରୋକ୍ତ ସମସ୍ୟାଗୁଡିକର ସ୍ଥାୟୀ ସମାଧାନ ନିମନ୍ତେ ସ୍କୁଲ କର୍ତ୍ତୃପକ୍ଷ, ପରିଚାଳନା କମିଟି ପକ୍ଷରୁ ବାରମ୍ବାର ସିଆରସିସି, ବିଆରସିସି, ଉପଜିଲାପାଳ ଓ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ କରାଯାଇନାହିଁ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ଗଣେଶ ନାୟକ, ଉପ ସଭାପତି ବାସନ୍ତି ମାଝି, ଅଭିଭାବକ ହର୍ଷ ଚନ୍ଦ୍ର ଭାତ୍ରା, ଭୀମ ହରିଜନ , ନବୀନ ମଣ୍ଡଳ, ତ୍ରିନାଥ ରାଉତ ଏବଂ ଅନ୍ୟ ସମସ୍ତ ଅଭିଭାବକ ଅଭିଯୋଗ କରିଛନ୍ତି ।


ପିଲାମାନେ ବାରଣ୍ଡାରେ ବସି ପଢୁଛନ୍ତି।

ଏଭଳି ସ୍ଥିତିରେ ଶିକ୍ଷା ବିଭାଗର କର୍ତ୍ତୃପକ୍ଷ ଏବଂ ପ୍ରଶାସନ ପକ୍ଷରୁ ଉପରୋକ୍ତ ସମସ୍ୟାଗୁଡିକର ସ୍ଥାୟୀ ସମାଧାନ କରା ନ ଗଲେ ବିପଦ ସଂକୁଳ ଅବସ୍ଥାରେ ଥିବା ବିଦ୍ୟାଳୟକୁ ପିଲାମାନଙ୍କୁ ପଢାଇବାକୁ ଛାଡ଼ିବେନି ବୋଲି ଅଭିଭାବକ ମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।

ଏ ସମ୍ପର୍କରେ କୋରୁକୋଣ୍ଡା ବିଡିଓ ବେଦବ୍ୟାସ ଭୋଇଙ୍କୁ ପଚାରିବାରୁ ଉକ୍ତ ସ୍କୁଲରେ ଥିବା ସମସ୍ୟା ସମ୍ପର୍କରେ କେହିବି ଅବଗତ କରିନାହାନ୍ତି । ମୁଁ ସ୍କୁଲକୁ ଯିବି। ତୁରନ୍ତ କିପରି ସମସ୍ୟାର ସମାଧାନ ହୋଇପାରିବ ସେଥି ପାଇଁ ଚେଷ୍ଟା କରିବି ବୋଲି କହିଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରିଙ୍କୁ ପଚାରିବାରୁ ଉକ୍ତ ବିଦ୍ୟାଳୟର ଛାତ ମରାମତି କରାଯିବ। ସହରାଞ୍ଚଳରେ ମରାମତି ହେବାକୁ ଥିବା ସ୍କୁଲଗୁଡିକର ନାମ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଦୁଇଥର ପଠାଯାଇଛି । ସେଥିପାଇଁ ଅନୁଦାନ ଆସିବା ପରେ ଉକ୍ତ ବିଦ୍ୟାଳୟ ଗୁଡିକୁ ମରାମତି କରାଯିବ। ବର୍ତ୍ତମାନ ଉକ୍ତ ସ୍କୁଲ ଗୃହ ଛାତ ତୁରନ୍ତ ଅସ୍ଥାୟୀ ଭାବେ ମରାମତି କରାଯିବ ବୋଲି କହିଥିଲେ । ବ୍ଲକରେ ଆବଶ୍ୟକ ଅନୁଯାୟୀ ଶିକ୍ଷକ ସଂଖ୍ୟା କମ ଥିବାରୁ ପିଲାଙ୍କୁ ପଢାଇବା ପାଇଁ ଡେପୁଟେସନ ୨ ଜଣ ଶିକ୍ଷକଙ୍କୁ ସେଠାକୁ ପଠାଯାଇଛି ବୋଲି ବିଇଓ ମିସ୍ତ୍ରି କହିଛନ୍ତି ।

